**ଯୁବତୀଙ୍କୁ ପ୍ରତାରଣା କରି ଯୁବକ ଗିରଫ**

ସୋର, (ଜନ୍ମେଜୟ ମିଶ୍ର)-ଖଇରା ଥାନା ଡଗରପଡା ଅଞ୍ଚଳର ଜଣେ ଯୁବତୀଙ୍କୁ ପ୍ରେମରେ ପ୍ରତାରଣା କରିଥିବା ଅଭିଯୋଗରେ ସୋର ଅଞ୍ଚଳର ଜଣେ ଯୁବକଙ୍କୁ ଗିରଫ କରି ପୋଲିସ କୋର୍ଟଚାଲାଣ କରିଛି। ଗିରଫ ଯୁବକ ହେଲେ ସୋର ପୌରପାଳିକା ଅଧୀନ ପଠାଣ ମହଲ୍ଲା ଗ୍ରାମର ସେକ ମାଜୋମିଲ (୩୨)। ଯୁବତୀ ଜଣଙ୍କ ତାଙ୍କୁ ବିବାହ କରିବାକୁ କହିବାରୁ ମାଜୋମିଲ ଆଉ ଧରାଛୁଆଁ ଦେଇ ନ ଥିଲେ। ଫଳରେ ଯୁବତୀଜଣଙ୍କ ଗତବର୍ଷ ମାର୍ଚ୍ଚରେ ସୋର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ. ୧୫୮/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ବାଲେଶ୍ୱର

### ବାଲିଆପାଳରେ ସାଂସଦ ଖେଳ ମହାକୁମ୍ଭ ଉଦ୍‌ଘାଟିତ

# ଖେଳ ଶିକ୍ଷାର ଅବିଚ୍ଛେଦ୍ୟ ଅଙ୍ଗ

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/କାଳିପଦା(ରାଜଶ୍ରୀ ପାଣିଗ୍ରାହୀ), ୨୧।୨-ବାଲେଶ୍ୱର ଜିଲା ବାଲିଆପାଳ ଶାରୀରିକ ପ୍ରଶିକ୍ଷଣ ମହାବିଦ୍ୟାଳୟ ପରିସରରେ ବୁଧବାର ସାଂସଦ ଖେଳ ମହାକୁମ୍ଭ ଉଦ୍‌ଘାଟିତ ହୋଇଯାଇଛି। ଏହି ମହାକୁମ୍ଭକୁ ମୁଖ୍ୟଅତିଥି ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉଦ୍‌ଘାଟନ କରି ଖେଳ ଶିକ୍ଷାର ଅବିଚ୍ଛେଦ ଅଙ୍ଗ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବାଲିଆପାଳ ଶାରୀରିକ ପ୍ରଶିକ୍ଷଣ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଶାନ୍ତ କୁମାର ଦେ, ସମ୍ମାନିତ ଅତିଥି ଭାବେ ଏମ୍‌ପି ପ୍ରତିନିଧି ମହେଶ୍ୱର ଜେନା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବାଲିଆପାଳ ଶାରୀରିକ ପ୍ରଶିକ୍ଷଣ ମହାବିଦ୍ୟାଳୟ କମିଟି ସମ୍ପାଦକ ଶ୍ରୀକାନ୍ତ ମିଶ୍ର ମଞ୍ଚାସୀନ ରହି ମୁଖ୍ୟଅତିଥି ଷଡ଼ଙ୍ଗୀଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ମହାବିଦ୍ୟାଳୟ ଶିକ୍ଷକ ସୁଶାନ୍ତ ଦାସ ମଞ୍ଚ ପରିଚାଳନା କରିଥିଲେ। ଭାଜପା ଜିଲା ଓବିସି ମୋର୍ଚ୍ଚା ସଭାପତି ଅରବିନ୍ଦ ବେହେରା, ଭାଜପା ମହିଳା ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦିକା ମାଳତୀ ନାୟକ, ଭାଜପା ବାଲିଆପାଳ ମଣ୍ଡଳ ସଭାପତି କମଳଲୋଚନ ଦତ୍ତ, ଭାଜପା ଲଙ୍ଗଳେଶ୍ୱର ମଣ୍ଡଳ ସଭାପତି ଗଗନ ସାହୁ, ପ୍ରଦୀପ ସିଙ୍ଗ ସହିତ ବହୁ ଭଜପା ନେତା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କବାଡିରେ ୧୦ଟି ଟିମ୍, ଭଲିବଲରେ ୮ଟି ଟିମ୍, ଖୋକୋରେ ୪ଟି ଟିମ୍ ଭାଗ ନେଇଥିବା ବେଳେ ଦୌଡ଼ ପ୍ରତିଯୋଗିତାରେ ୫୦ରୁ ଅଧିକ ଜୁନିଅର ଓ ସିନିଅର ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏଥିସହିତ କ୍ରିକେଟ ଖେଳ ଗୁରୁବାରଠାରୁ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ବାଲିଆପାଳ ବ୍ଲକ ସାଂସଦ ଖେଳ ମହାକୁମ୍ଭର ବ୍ଲକ କୋଡ଼ିନେଟର ଦିଲୀପ ପାତ୍ରଙ୍କ ସହିତ ଅଜୟ ଜେନା, ସଞ୍ଜୟ ପରିଡ଼ା, ଲକ୍ଷ୍ମୀଧର ପ୍ରଧାନ, ଲମ୍ବୋଦର ଗିରି, ଗଜେନ୍ଦ୍ର ସାହୁ, ରଞ୍ଜନ କୁମାର ସାହୁ, ଖଗେନ୍ଦ୍ର ନାୟକ, କରୁଣାକର ଜେନା, ସୁଦାମ ଦାସ, ମହେଶ୍ୱର ଦାସ ପ୍ରମୁଖ ସହଯୋଗ କରିଥିଲେ।

# 'ମା', ମାତୃଭାଷାର ଅଭାବ ସର୍ବଦା ଅପୂରଣୀୟ

### ବିଶ୍ୱ ମାତୃଭାଷା ଦିବସ ପାଳିତ

ବାଲେଶ୍ୱର, ୨୧।୨(ମାନସ ବିଶ୍ୱାଳ)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

ବାଲେଶ୍ୱର ଜିଲା ରେମୁଣା ବ୍ଲକ ନୂଆପାଡ଼ାସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ବୁଧବାର ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସଭାପତିତ୍ୱ କରି ମା' ଓ ମାତୃଭାଷାର ଅଭାବ ସର୍ବଦା ଅପୂରଣୀୟ। ଫକୀରମୋହନ ବିଶ୍ୱବିଦ୍ୟାଳୟ ଭାଷାର ବିକାଶ ଓ ସୁରକ୍ଷା ଦିଗରେ ଯତ୍ନଶୀଳ। ନିଜ ମାତୃଭାଷାକୁ ବ୍ୟବହାର କରିବାର ଆଗ୍ରହ ଓ ଶ୍ରଦ୍ଧା ହିଁ ମାତୃଭାଷାକୁ ସମ୍ମାନିତ କରାଏ। ଏଥିସହିତ ପ୍ରତି ବ୍ୟବହାରିକ, କଥିତ ଓ ପଠିତ ଭାଷା ନିମନ୍ତେ ଶିକ୍ଷକ ନିଯୁକ୍ତିର ସୁଯୋଗ ପ୍ରଦାନ କରାଗଲେ ସବୁ ଭାଷାର ବିକାଶ ଓ ଉତ୍ଥାନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ବିଶ୍ୱ ମାତୃଭାଷା ଦିବସ ୨୦୨୪ର ବିଷୟବସ୍ତୁ ହେଉଛି 'ବହୁଭାଷୀ ଶିକ୍ଷା ହେଉଛି ଆନ୍ତ- ବଂଶାନୁକ୍ରମିକ ଜାତିର ଶିକ୍ଷାସ୍ତମ୍ଭ'। ଜାତିସଂଘର ଏକ ବିବୃତ୍ତିରେ କୁହାଯାଇଛି ଯେ ବହୁଭାଷୀ ତଥା ବହୁ ସଂସ୍କୃତି ସମାଜ, ସେମାନଙ୍କ ଭାଷାର ସଂରକ୍ଷଣ ମାଧ୍ୟମରେ ଉନ୍ନତି କରନ୍ତି, ଯାହା ପାରମ୍ପରିକ ଜ୍ଞାନ ଏବଂ ସାଂସ୍କୃତିକ ଐତିହ୍ୟର ପଥ ଅଟେ। ଏହି ବିଷୟବସ୍ତୁ ଆଧାରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟ ସ୍ନାତକ ପରିଷଦ ଅଧ୍ୟକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକ ଯୋଗଦେଇଥିଲେ। ବିଶେଷ ଅତିଥି ଭାବେ ବିଶ୍ୱବିଦ୍ୟାଳୟ ଭାଷା ଓ ସାହିତ୍ୟ ବିଭାଗର ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ ଓ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟାପକ ରାଖାଲ ଚନ୍ଦ୍ର ଘଡ଼େଇ ଯୋଗଦେଇ ନିଜ ମାତୃଭାଷା ସହ ଭାବପ୍ରବଣତା ଯୋଡ଼ି ହୋଇପାରିଲେ ହିଁ ବ୍ୟକ୍ତିବିଶେଷ ଏହାର ଉନ୍ନତ ସାଧନ କରିପାରିବ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଭାଷା ଓ ସାହିତ୍ୟ ବିଭାଗର ଛାତ୍ରୀଛାତ୍ର ନିଜସ୍ୱ କଥିତ ଭାଷା ଯଥା ମୁଣ୍ଡାରୀ, ସାନ୍ତାଳୀ, ଉଡୁକ୍, ହୋ, ଓଡ଼ିଆ, ଉର୍ଦ୍ଦୁ ଓ ସମ୍ବଲପୁରୀ ଭାଷାରେ ମାତୃଭାଷା ପ୍ରତି ସମ୍ମାନ ଜଣାଇ ଅଭିଭାଷଣ ଦେଇଥିଲେ। ବିଶ୍ୱବିଦ୍ୟାଳୟ ଶିକ୍ଷୟିତ୍ରୀ, ଶିକ୍ଷକ, ଅଣଶିକ୍ଷକ କର୍ମଚାରୀଙ୍କ ସହିତ ଅନେକ ଛାତ୍ରୀଛାତ୍ର ଉପସ୍ଥିତ ହୋଇ ଏହି ଦିବସ ପାଳନ କରିଥିଲେ। କାର୍ଯ୍ୟକ୍ରମକୁ ବିଭାଗ ମୁଖ୍ୟ ଡ. ଦେବାଶିଷ ପାତ୍ର ସଞ୍ଚାଳନ କରିଥିଲେ ଓ ଜୟନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଏମ୍‌ପିଙ୍କୁ ଅପମାନ ପ୍ରତିବାଦରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

ବାଲେଶ୍ୱର, ୨୧।୨(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ଭାଜପା ପକ୍ଷରୁ ବୁଧବାର ଜିଲାପାଳଙ୍କ ଅଫିସ୍ ଘେରାଉ କରାଯାଇ ଜିଲାପାଳଙ୍କ କାର୍ଯ୍ୟକୁ ନିନ୍ଦା କରାଯାଇଛି। ଏହାସହ ଜିଲାପାଳଙ୍କ କାର୍ଯ୍ୟାଳୟ ଫାଟକ ନିକଟ କାନ୍ଥରେ ଏକ ପୋଷ୍ଟର ମରାଯାଇଛି। ସେଥିରେ 'ବିଜେଡି ଜିଲା ସଭାପତି ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ, ଜିଲାପାଳ, ବାଲେଶ୍ୱର' ବୋଲି ଲେଖାଯାଇଛି। ଜିଲାର ପ୍ରାୟ ସମସ୍ତ ନେତା ଓ କର୍ମୀ ବିକ୍ଷୋଭରେ ଉପସ୍ଥିତ ରହି ଜିଲାପାଳ ବିଜେଡିର ଏଜେଣ୍ଟ ଭାବେ କାର୍ଯ୍ୟ କରୁଥିବା କହିଥିଲେ। ସୂଚନା ଅନୁଯାୟୀ, ଗତ ୨୦ ତାରିଖରେ ବାଲେଶ୍ୱର ସହର ନିକଟରେ ଥିବା ପଦ୍ମାବତୀ ପାର୍କରେ ସିକିମ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଜିଲାପାଳ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ନିମନ୍ତ୍ରଣ କରିଥିଲେ। ଏମ୍‌ପି ଷଡ଼ଙ୍ଗୀ ଉକ୍ତ କାର୍ଯ୍ୟକ୍ରମରେ ପହଞ୍ଚିଥିଲେ। ଜିଲାପାଳ, ବାଲେଶ୍ୱର ବିଧାୟକ, ଜଳେଶ୍ୱର ବିଧାୟକ ତଥା ମନ୍ତ୍ରୀ ମଞ୍ଚାସୀନ ଥିବାବେଳେ ଜିଲାପାଳ, ଏମ୍‌ପିଙ୍କୁ ମଞ୍ଚ ଉପରକୁ ଆମନ୍ତ୍ରଣ ନ କରି ତଳେ ବସିବା ପାଇଁ ବ୍ୟବସ୍ଥା କରିଥିଲେ। ଏଥିରେ ଏମ୍‌ପି ଅପମାନିତ ଅନୁଭବ କରି ସ୍ଥାନ ଛାଡି ପଳାଇଆସିଥିଲେ। ଜିଲାପାଳ କାହା ଇଙ୍ଗିତରେ ଏପରି କଲେ ବୋଲି ସର୍କିଟ ହାଉସ୍‌ରେ ମଙ୍ଗଳବାର ସନ୍ଧ୍ୟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଶ୍ନ କରିଥିଲେ। ବୁଧବାର ଆୟୋଜିତ ପ୍ରତିବାଦ ସଭାକୁ ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ପରିଚାଳନା କରିଥିଲେ। ଜିଲା ସଭାପତି ଉମାକାନ୍ତ ମହାପାତ୍ର ଯୋଗଦେଇ ଜିଲାପାଳଙ୍କ କାର୍ଯ୍ୟାଳୟକୁ ବିଜୁ ଜନତା ଦଳ କାର୍ଯ୍ୟାଳୟ କହିବା ସହ ଜିଲାପାଳଙ୍କୁ ବାଲେଶ୍ୱର ବିଜେଡିର ସଭାପତି ବୋଲି କହି ସମ୍ବୋଧନ କରିଥିଲେ। ଆସନ୍ତା ୭ଦିନ ମଧ୍ୟରେ ଯଦି ଜିଲାପାଳ ଏମ୍‌ପି ଷଡ଼ଙ୍ଗୀଙ୍କୁ କ୍ଷମା ନ ମାଗନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦେଇଛନ୍ତି।

# ନିଧି ପଣ୍ଡାଠାରେ ଭିଜନ୍ ସେଣ୍ଟର ଶୁଭାରମ୍ଭ



ନିଧି ପଣ୍ଡାଠାରେ ଭିଜନ ସେଣ୍ଟର ଶୁଭାରମ୍ଭ ଅବସରରେ ଉପସ୍ଥିତ ଅତିଥି।

ବସ୍ତା, ୨୧।୨(ହରିଶଙ୍କର ପାଢୀ)

ଜାତୀୟ ରାଜପଥରେ ଘଟୁଥିବା ଦୁର୍ଘଟଣାକୁ ହ୍ରାସ କରିବା ପାଇଁ ଗାଡ଼ି ଚାଳକମାନଙ୍କ ଚକ୍ଷୁ ପରୀକ୍ଷା କରିବା ଉଦ୍ଦେଶ୍ୟରେ ଏକ ଭିଜନ ସେଣ୍ଟର(ରାହୀ) ବାଲେଶ୍ୱର ଜିଲାର ନିଧିପଣ୍ଡାଠାରେ ୬୦ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଭାରତ ପେଟ୍ରୋଲ ପମ୍ପରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି । ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ରଙ୍ଗାମାଟିଆସ୍ଥିତ ମହାତ୍ମା ଗାନ୍ଧୀ ଚକ୍ଷୁ ଚିକିତ୍ସାଳୟ, ଅନ୍ତ୍ୟୋଦୟ ଚେତନା ମଣ୍ଡଳ ଓ ସାଇଟ୍‌ସେଭ୍‌ର ମିଳିତ ଉଦ୍ୟମରେ ଏହି ଭିଜନ୍ ସେଣ୍ଟର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ମହାତ୍ମା ଗାନ୍ଧୀ ଚକ୍ଷୁ ଚିକିତ୍ସାଳୟର ନିର୍ଦ୍ଦେଶକ ଆଦିତ୍ୟ ପଟ୍ଟନାୟକ, ବୀମା କମ୍ପାନୀ ଚୋଲମଣ୍ଡଳମର ଆର୍‌ବିଏମ୍ ସୁଶୀଲ ଜେନା, ଆର୍‌ଏସ୍‌ଏମ୍ ତଥା ଆର୍‌ଆର୍‌ଏମ୍ ଦେବାଶିଷ ସାହୁ, ଚୋଲମଣ୍ଡଳର ବାଲେଶ୍ୱର ଏବିଏମ୍ ଅଶୋକ ପଟ୍ଟନାୟକ, ସାଇଟ୍‌ସେଭ୍‌ର ଶିବପ୍ରସାଦ ବେହେରା, ଉମାଶଙ୍କର ପ୍ରଧାନ, ମାନସ୍ ରଞ୍ଜନ ପ୍ରଧାନ, ବିଶ୍ୱଜିତ ରାଉତରାୟ, ମହମ୍ମଦ ଇମରାଜ, ଜୟନ୍ତ କୁମାର ଜେନା ଯୋଗଦେଇଥିଲେ। ଭିଜନ୍ ସେଣ୍ଟର ଶୁଭାରମ୍ଭ କରିଥିଲେ ମହାତ୍ମା ଗାନ୍ଧୀ ଚକ୍ଷୁ ଚିକିତ୍ସାଳୟର ନିର୍ଦ୍ଦେଶକ ଆଦିତ୍ୟ ପଟ୍ଟନାୟକ, ଚୋଲମଣ୍ଡଳମର ଆଞ୍ଚଳିକ ମୁଖ୍ୟ ସୁଶୀଲ ଜେନା। ମହାତ୍ମା ଗାନ୍ଧୀ ଚକ୍ଷୁ ଚିକିତ୍ସାଳୟ ଓ ଗବେଷଣା ପ୍ରତିଷ୍ଠାନର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରତୀକ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଜୋନାଲ କୋ ଅର୍ଡ଼ିନେଟର ସୁମନ ଚକ୍ରବର୍ତ୍ତୀ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ । ଏହି ଅବସରରେ ଗାଡ଼ି ଚାଳକମାନଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଦିନକୁ ଦିନ ଜାତୀୟ ରାଜପଥରେ ଦୁର୍ଘଟଣା ବଢୁଛି। ଯଦି ଡ୍ରାଇଭରମାନଙ୍କ ଦୃଷ୍ଟିଦୋଷ ନ ଥିବ ତେବେ ଦୁର୍ଘଟଣା ଅନେକ ପରିମାଣରେ କମ୍ ହେବ। ଏହି ଉଦ୍ଦେଶ୍ୟରେ ଭିଜନ ସେଣ୍ଟର ଶୁଭାରମ୍ଭ କରାଯାଇଛି।

# ଚର୍ଚ୍ଚିତ କଳାକାରଙ୍କ ଝଲକ ଦେଖିବ ଖଇରା ମାଟି

### ମାର୍ଚ୍ଚ ୯ରୁ ୨ ଦିନିଆ ପ୍ରତିଭା ମହୋତ୍ସବ

ଖଇରା, ୨୧।୨(ଉତ୍କଳବନ୍ଧୁ ପଣ୍ଡା)


ଖବରଦାତା ସମ୍ମିଳନୀରେ ଉପସ୍ଥିତ ସଙ୍ଗଠନର କର୍ମକର୍ତ୍ତା।

ବାଲେଶ୍ୱର ଜିଲା ଖଇରା ବ୍ଲକର ସର୍ବବୃହତ ସାଂସ୍କୃତିକ ଏବଂ ପୂଜ୍ୟପୂଜା ସଙ୍ଗଠନ ପ୍ରତିଭା ପରିବାର ଆନୁକୂଲ୍ୟରେ ଏହାର ୨୨ତମ ପ୍ରତିଭା ମହୋତ୍ସବ ମାର୍ଚ୍ଚ ୯ ଓ ୧୦ତାରିଖ ୨ଦିନ ଧରି ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ଦିବସରେ ସବ୍ ଜୁନିୟର, ସିନିୟର ସ୍ତରରେ ନୃତ୍ୟ ଏବଂ ଜୁନିୟର ସ୍ତରରେ କଣ୍ଠସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଅପରାହ୍ନରେ ସଭା ଓ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ସେହିଭଳି ୧୦ତାରିଖ ଉଦ୍‌ଯାପନୀ ସମାରୋହରେ ଶଙ୍ଖଫୁଙ୍କା ପ୍ରତିଯୋଗିତା ଓ ପରେ ସବ୍‌ଜୁନିୟର, ସିନିୟର ସ୍ତରରେ କଣ୍ଠସଙ୍ଗୀତ ଏବଂ ଜୁନିୟରସ୍ତରରେ ନୃତ୍ୟ ପ୍ରତିଯୋଗିତା ବ୍ୟବସ୍ଥା କରାଯାଇଛି। କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକକ ଅଭିନୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିଭଳି ଅପରାହ୍ନରେ ସଭା ଓ ସନ୍ଧ୍ୟାରେ ରାଜ୍ୟରେ ଚହଳ ସୃଷ୍ଟି କରିଥିବା ବିଭିନ୍ନ ଗ୍ରୁପ ଓ କଳାକାରଙ୍କ ଦ୍ୱାରା ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ଏ ସମ୍ପର୍କରେ ରବିବାର ଖଇରା ଶିକ୍ଷକ ସଂଘ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଙ୍ଗଠନର କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ଉପସଭାପତି ବୁଦ୍ଧିରାମ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ସମ୍ପାଦକ ରଘୁନାଥ ପତ୍ରୀ, ଖଇରା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ମୁକ୍ତିକାନ୍ତ ଶତପଥି ଓ ବସନ୍ତ କୁମାର ଖିଲାର, ସନାତନ ବେହେରା, ନାରାୟଣ ପେଡା, ଡା. ହରେକୃଷ୍ଣ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ମୟୂରଭଞ୍ଜ

### ବିଶ୍ୱ ମାତୃଭାଷା ଦିବସ

ବାଙ୍ଗିରିପୋଷି,୨୧।୨(ସଞ୍ଜୟ କୁମାର ଅଗ୍ରୱାଲା): ବାଙ୍ଗିରିପୋଷି ବ୍ଲକ ଅଧୀନ ବୁଢ଼ୀଖମାରୀ ପଞ୍ଚାୟତ ଜଳଡିହାଠାରେ ସାନ୍ତାଳୀ ଅଭିଭାବକ ମହାସଂଘ ଦ୍ୱାରା ବିଶ୍ୱ ମାତୃଭାଷା ଦିବସ ଜିଲା ସଭାପତି ମେଘରାୟ ଟୁଡୁଙ୍କ ନେତୃତ୍ୱରେ ପାଳନ କରାଯାଇଛି । ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭାପତି ସାଙ୍ଗାର ବାସ୍କେ ଯୋଗ ଦେଇ ମାତୃଭାଷା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଉପସ୍ଥିତ ଗ୍ରାମବାସୀ ତଥା ଅଭିଭାବକମାନଙ୍କୁ ବୁଝାଇଥିଲେ। ସୁନାରାମ ସୋରେନ, କୁଆଁର ମାର୍ଣ୍ଣି, କୁଆଁର ଟୁଡୁ, କାଜଲ ଟୁଡୁ, ନରହରି ଟୁଡୁ, କାହ୍ନୁ ମୁର୍ମୁ, ହିରାମଣି ମୁର୍ମୁ, ଝତ୍ର ଟୁଡୁ, ମୁନିରାମ ମାର୍ଣ୍ଣି, ବାରିଆଲ ଟୁଡୁ, ଭାଗବତ ମୁର୍ମୁଙ୍କ ଉପସ୍ଥିତି ଥିଲେ।

### କଲେଜ ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

ବୈଶିଙ୍ଗା,୨୧।୨(ରତନ ଦାଶ)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ମାଣତ୍ରୀ ଫାଣ୍ଡି ଅଞ୍ଚଳର ଜଣେ ଛାତ୍ରୀ ସୋମବାର କଲେଜ ଯାଇ ଆଉ ଘରକୁ ଫେରିନାହାନ୍ତି। ତାଙ୍କୁ ଅପହରଣ କରାଯାଇଥିବା ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ବୈଶିଙ୍ଗା ପୋଲିସ ଏକ ମାମଲା ରୁଜୁ କରିଛି। ଏସ୍‌ଆଇ ଦେବାଶିଷ ମଣ୍ଡଳ ତଦନ୍ତ ଚଳାଇଥିବା ବେଳେ ଅଭିଯୁକ୍ତଙ୍କୁ ଠାବ କରିବାପାଇଁ ପଦକ୍ଷେପ ଗ୍ରହଣ କରାଯାଉଥିବା କହିଛନ୍ତି।

### ଟ୍ରକ୍ ଧକ୍କାରେ ରାଜମିସ୍ତ୍ରିଙ୍କ ମୃତ୍ୟୁ

ଗୋପବନ୍ଧୁ ନଗର,୨୧।୨(ଶାନ୍ତନୁ କୁମାର ମଢୁଆଳ)- ଟ୍ରକ୍ ଧକ୍କାରେ ଗୁରୁତର ହୋଇଥିବା ଜଣେ ରାଜମିସ୍ତ୍ରିଙ୍କର ଚିକିତ୍ସାଧିନ ଅବସ୍ଥାରେ ବୁଧବାର ମୃତ୍ୟୁ ଘଟିଛି। ଉଦଳା-ବୈଶିଙ୍ଗା ରାସ୍ତାର କୁଆମରା ଡାକବଙ୍ଗଳାଠାରେ ଗତ ୧୮ତାରିଖ ସନ୍ଧ୍ୟା ୭ଟାରେ ଏକ ଟ୍ରକ୍ ବାଇକ୍ ଚାଳକ ଗୋପବନ୍ଧୁ ନଗର ବ୍ଲକ କୁଆମରା ପଞ୍ଚାୟତ କୁସୁମିଆ ଗ୍ରାମର ରାଜମିସ୍ତ୍ରି ବିଶ୍ୱେଶ୍ୱର ନାୟକଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ବଡ଼ସାହି ଡାକ୍ତରଖାନା ଓ ପରେ ଭୁବନେଶ୍ୱରର ଏକ ଘରେଇ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିବା ବେଳେ ବୁଧବାର ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଦୁର୍ଘଟଣା ପରେ ଟ୍ରକ୍ ଚାଳକ ଫେରାର ହୋଇ ଯାଇଥିବା ବେଳେ ଟ୍ରକ୍‌ଟିକୁ ପୋଲିସ ଜବତ କରି କୁଆମରା ଫାଣ୍ଡିରେ ଅଟକ ରଖିଛି।

# 'ବଡ଼ ହେବା ପାଇଁ କଠୋର ପରିଶ୍ରମ ଆବଶ୍ୟକ'



କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଓ ଅନ୍ୟମାନେ।

ବାରିପଦା,୨୧।୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

### ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ ଉତ୍ସବ

ମୟୂରଭଞ୍ଜ ଜିଲା ବାରିପଦା ତକତପୁରସ୍ଥିତ ଏପିଜେ ଅବଦୁଲ କଲାମ ପଡ଼ିଆରେ ବୁଧବାର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ତଥା ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଯୋଗଦେଇ ବଡ଼ ହେବା ପାଇଁ ବଡ ଘରେ ଜନ୍ମର ଆବଶ୍ୟକତା ନାହିଁ, ଆତ୍ମବିଶ୍ୱାସ ସହିତ କଠୋର ପରିଶ୍ରମର ଆବଶ୍ୟତା ରହିଛି। ପ୍ରତ୍ୟେକ ଛାତ୍ରୀଛାତ୍ର ଶୃଙ୍ଖଳିତ, ଓ ସଂସ୍କାରିତ ହୋଇପାରିଲେ ଆପଣାଛାଏଁ ବଡ଼ ମଣିଷ ହୋଇପାରବେ ବୋଲି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜିଲାର ୨୬ଟି ବ୍ଲକର ଜିଲାସ୍ତରୀୟ ଛାତ୍ର ଏକାଡେମୀରୁ ୨୧୦ଜଣ, ବ୍ଲକସ୍ତରୀୟ ଛାତ୍ର ଏକାଡେମୀରୁ ୨୬୩୨, ଲିଡରସିପ୍ ଆୱାର୍ଡରେ ୧୦୫୫, ମାଧ୍ୟମିକ ସ୍କୁଲ ଆୱାର୍ଡ ୭୮, ପ୍ରାଥମିକ ସ୍କୁଲ ଆୱାର୍ଡ ୭୧, ଗ୍ରାମ ପଞ୍ଚାୟତ ଆୱାର୍ଡ ୨୩ , ଆଲୁମିନୀ ଆୱାର୍ଡ ୨୫, ସ୍କୁଲ ପରିଚାଳନା ସମିତି ୨୬, ମାଧ୍ୟମିକ ସ୍କୁଲ ପ୍ରଧାନ ଶିକ୍ଷକ ଆୱାର୍ଡ ୨୬ ଓ ପ୍ରାଥମିକ ଶିକ୍ଷକ ଆୱାର୍ଡ ୨୬ଜଣଙ୍କୁ ମିଶାଇ ମୋଟ ୪୧୭୨ଜଣଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ରାଜ୍ୟ ସଭା ସଦସ୍ୟା ମମତା ମହାନ୍ତ, ମୋରଡ଼ା ବିଧାୟକ ରାଜକିଶୋର ଦାସ, ଉଦଳା ବିଧାୟକ ଭାସ୍କର ମଢେଇ, ସାରସକଣା ବିଧାୟକ ଡା.ବୁଡାନ ମୁର୍ମୁ, ନୂଆ-ଓ କାର୍ଯ୍ୟକ୍ରମର ସଂଯୋଜକ ସୁନୀଲ ଦାଶ, ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ରଞ୍ଜନ କୁମାର ନନ୍ଦ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

### ଅସନ୍ତୋଷ ଝାଡ଼ିଲେ ମନ୍ତ୍ରୀ

ବାରିପଦା,୨୧।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)-ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର କାର୍ଯ୍ୟକ୍ରମ ଆରମ୍ଭ ହେବାର କିଛି ସମୟ ପରେ ଛାତ୍ରୀଛାତ୍ରମାନେ ବିଶୃଙ୍ଖଳିତ ହୋଇପଡ଼ିଥିଲେ। ନିର୍ଦ୍ଧାରିତ ସମୟ ପୂର୍ବରୁ ଗ୍ୟାଲେରି ଛାଡ଼ି ଖାଇବା ସ୍ଥଳୀକୁ ଚାଲିଯାଇଥିଲେ। ବାରମ୍ବାର କୁହାଯିବା ସତ୍ତ୍ୱେ ମଧ ସେମାନେ ଶିକ୍ଷକଙ୍କ କଥାକୁ ଗୁରୁତ୍ୱ ଦେଇ ନ ଥିଲେ । ଫଳରେ ଅଧାରୁ କମ୍ ବସିଥିବା ଛାତ୍ରୀଛାତ୍ରଙ୍କୁ ନେଇ ଚାଲିଥିଲା ସଭାକାର୍ଯ୍ୟ। ଏପରି ଘଟଣାକୁ ନେଇ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଅସନ୍ତୋଷ ପ୍ରକାଶ କରିବା ସହ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ ହେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅଧିକାଂଶ ଶିକ୍ଷୟିତ୍ରୀ ଶିକ୍ଷକ ଡ୍ରେସ୍ କୋଡ୍‌କୁ ଭୁଲିଯାଇ ମନଇଚ୍ଛା ରଙ୍ଗବେରଙ୍ଗର ଶାଢ଼ି ପରିଧାନ କରିଥିବା ଦେଖାଯାଇଥିଲା।

# ଜିଲାସ୍ତରୀୟ କୃଷିମେଳା


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଉଦଳା,୨୧।୨(ସନ୍ତୋଷ କୁମାର ବାଛିନୀ)

ଉଦଳା ଆଦିବାସୀ ପଡ଼ିଆଠାରେ ଜିଲାସ୍ତରୀୟ କୃଷିମେଳା ଅନୁଷ୍ଠିତ ହୋଇଯାଇଛି। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓଡ଼ିଶାଙ୍କ ଆନୁକୂଲ୍ୟରେ ଏବଂ ଉଦଳା କୃଷି ଜିଲା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଦୁଇଦିନ ଧରି ଆୟୋଜିତ ଏହି ମେଳାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, ବିଶିଷ୍ଟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ସ୍ୱତନ୍ତ୍ର ଅତିଥି ଭାବେ ଉଦଳା ଏନ୍‌ଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ସମ୍ମାନିତ ଅତିଥି ଭାବେ ମୁଖ୍ୟ ଜିଲା କୃଷି ଅଧିକାରୀ ତରୁଣ କୁମାର ଛୋଟରାୟ ଏବଂ ବାରିପଦା ସହକାରୀ କୃଷି ଅଧିକାରୀ ସୁଧାଂଶୁ ଶେଖର ପଣ୍ଡା ଯୋଗଦେଇଥିଲେ। କୃଷି ଜିଲା ଅଧିକାରୀ ଜୟନ୍ତ କୁମାର ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମଞ୍ଚାସୀନ ଅତିଥିଗଣ କୃଷି ସମ୍ବନ୍ଧିତ ବହୁ ସାରଗର୍ଭକ ବକ୍ତବ୍ୟ ରଖିଥିଲେ। ସଭା କାର୍ଯ୍ୟ ଶେଷରେ ଏକ ପୁରସ୍କାର ବିତରଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କୃଷି ଓ ଆନୁସଙ୍ଗିକ କୃଷି କ୍ଷେତ୍ରରେ ଅଗ୍ରଣୀ ଥିବା କୃଷି, ପ୍ରାଣୀ ସମ୍ପଦ ମତ୍ସ୍ୟ, ଉଦ୍ୟାନ କୃଷି ତଥା ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ କପ୍ତିପଦା ଉପଖଣ୍ଡର ପ୍ରତି ବ୍ଲକର ଜଣେ ଲେଖାଏ ଚାଷୀଙ୍କୁ ପ୍ରତ୍ୟେକ ବିଭାଗରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ସାଂସଦ ଖେଳ ମହାକୁମ୍ଭ-୨୦୨୪ ଉଦ୍‌ଘାଟିତ

ବେତନଟୀ,୨୧।୨(ଧରଣୀଧର ମହାନ୍ତି)

ବେତନଟୀସ୍ଥିତ ମିନି ଷ୍ଟାଡିୟମ ପୁରୁଣାପାଣି ଖେଳ ପଡ଼ିଆରେ ସାଂସଦ ଖେଳ ମହାକୁମ୍ଭ-୨୦୨୪ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ବେତନଟୀ ବ୍ଲକ ସାଂସଦ ଖେଳ ମହାକୁମ୍ଭର ସଂଯୋଜକ ଜୀବନ ପରିଡ଼ାଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୁବ ମୋର୍ଚ୍ଚା ସଭାପତି ଶିଶିର ବେହେରା, ୩୫ ନଂ. ମଣ୍ଡଳର ସାଧାରଣ ସମ୍ପାଦକ ସଞ୍ଜୟ ବେହେରା ପ୍ରମୁଖ ମଞ୍ଚାସୀନ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଖେଳ ମହାକୁମ୍ଭରେ ମିନି ମାରାଥନ, କ୍ରିକେଟ, ଫୁଟବଲ, ଭଲିବଲ, କବାଡି, ଖୋଖୋ ଓ ଆଥଲେଟିକ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ପ୍ରଥମ ଦିନରେ ୮ ଟି ଦଳକୁ ନେଇ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଁଳା କ୍ରିକେଟ କ୍ଲବ ଓ ବି .ୱାଏ. ସି ଫାଇଟର ଆଗ୍ରିଆ ଦଳ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଖେଳ ଶେଷରେ ସମସ୍ତ ଖେଳାଳିଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶାନ୍ତନୁ ପଣ୍ଡା, ଜଗବନ୍ଧୁ ଦାଶ, ତପସ୍ୱୀ ରାଉତ,ଅଶୋକ ଦଳେଇ, କୁନା ମହାନ୍ତ, ବିକାଶ ଦାଶ, ଜିତେନ୍ଦ୍ର ପରିଡ଼ା, ସୁମନ୍ତ ପରିଡ଼ା, ରଞ୍ଜନ ପରିଡା, ହରିଶ ପ୍ରଧାନ, ଚନ୍ଦନ ପରିଡ଼ା ବୀରକିଶୋର ବିଶ୍ୱାଳଙ୍କ ସମେତ ଭାଜପା କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।

# ପେସା ଗ୍ରାମସଭା କମିଟିର ବିକ୍ଷୋଭ

କରଞ୍ଜିଆ,୨୧।୨(କବିତା ମହାନ୍ତ)



ପେସା ଗ୍ରାମସଭା କମିଟି ପକ୍ଷରୁ ଆୟୋଜିତ ଶୋଭାଯାତ୍ରା।

କରଞ୍ଜିଆ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୟୂରଭଞ୍ଜ ଜିଲା ପେସା ଗ୍ରାମସଭା କୋ ଅର୍ଡିନେଶନ କମିଟି ପକ୍ଷରୁ ବିଭିନ୍ନ ଦାବିନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲାର ଆଦିବାସୀମାନଙ୍କୁ ଶୋଷଣ ମୁକ୍ତ କରିବା, ଶିମିଳିପାଳ ସୁରକ୍ଷା ନାମରେ ଆଦିବାସୀଙ୍କ ପ୍ରତି ଅନ୍ୟାୟ ବନ୍ଦ କରିବା ଓ ପେସା ଆଇନକୁ ଠିକ୍ ଭାବରେ ଲାଗୁ କରିବା ଆଦି ଦାବି ନେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ପ୍ରେମାଂଶୁ ଚାନ୍ଦଙ୍କୁ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଥିଲା। କମିଟିର ସଭାପତି ପାଣ୍ଡୁରାମ ହେମ୍ବ୍ରମ ଓ ସମ୍ପାଦକ ନାନାରାମ ମୁର୍ମୁଙ୍କ ନେତୃତ୍ୱରେ ୨୬ଟି ବ୍ଲକରୁ ଆସିଥିବା ପ୍ରତିନିଧିମାନେ ଏକ ଶୋଭାଯାତ୍ରାରେ କରଞ୍ଜିଆ ସହର ପରିକ୍ରମା କରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସମବେତ ହୋଇଥିଲେ। କମିଟିର ଦୁଲାରାମ ମୁର୍ମୁ, ରାମେଶ୍ୱର ହାଁସଦା, କୁମାର ବାସ୍କେ, ବୁଧନ ମାରାଣ୍ଡି, ଅଶୋକ ସିଂ, ଜଗନାଥ ହେମ୍ବ୍ରମ, ସୁହାଗ୍ରଣୀ ମାରାଣ୍ଡି, ବିଶୁ ବାଣ୍ଡିଆ, ପଦ୍ମଲୋଚନ ଟୁଡୁ, ଲକ୍ଷ୍ମୀଧର ସିଂ, ସୁନାରାମ ଟୁଡୁ, ଭୁଣ୍ଡା ମାରାଣ୍ଡିଙ୍କ ସହଯୋଗରେ ଏହି ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା।

## ୨୯ରେ କେନ୍ଦୁଝର ଆସୁଛନ୍ତି ରାଷ୍ଟ୍ରପତି

କେନ୍ଦୁଝର,(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର): ଫେବୃଆରୀ ୨୯ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କେନ୍ଦୁଝର ଗସ୍ତରେ ଆସୁଥିବା ଜଣାପଡ଼ିଛି। ଧରଣୀଧର ବିଶ୍ୱ ବିଦ୍ୟାଳୟରେ ଅନୁଷ୍ଠିତ ହେଉଥିବା ଆଦିବାସୀମାନଙ୍କ ଏକ କାର୍ଯ୍ୟକ୍ରମରେ ଯୋଗଦେବେ। ଏ ନେଇ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରତାପ ମହାନ୍ତି ସୂଚନା ଦେଇଛନ୍ତି । ଉକ୍ତ ଦିନ ଦିନ ୧୨ ଟା ୩୦ ରୁ ୧ ଟା ୨୫ ପର୍ଯ୍ୟନ୍ତ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ରହିଥିବା ସେ କହିଛନ୍ତି।

**କେନ୍ଦୁଝର**

## ମାନବାଧିକାର କମିଶନଙ୍କ ନିକଟରେ ମାମଲା

### ୨ ଛାତ୍ରଙ୍କ ଉପରେ ଛାତ ଖସି ପଡ଼ିବା ଘଟଣା

କେନ୍ଦୁଝର,୨୧।୨(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟରେ ଥିବା ସରକାରୀ ଉର୍ଦ୍ଦୁ ମକ୍ତବ ପ୍ରାଥମିକ ବିଦ୍ୟାଳୟରେ ପାଇଖାନାର ଛାତ ଖସି ୨ ଜଣ ଛାତ୍ର ଗୁରୁତର ହୋଇଥିଲେ। ଘଟଣାକୁ ନେଇ ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଆହତମାନଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ପ୍ରଦାନ କରିବାକୁ ଚିଫ୍ ସେକ୍ରେଟେରୀଙ୍କୁ ଆଦେଶ କରିବାକୁ କମିଶନଙ୍କ ନିକଟରେ ନିବେଦନ କରାଯାଇଛି। କମିଶନ ଡାଏରୀ ନମ୍ବର ୨୮୧୫/୨୦୨୪ ରେ ଅଭିଯୋଗକୁ ଗ୍ରହଣ କରିଛନ୍ତି। ଛାତ୍ର ଦ୍ୱୟଙ୍କୁ ବିଦ୍ୟାଳୟ ପକ୍ଷରୁ କାନ୍ଥ ଭାଙ୍ଗିବାକୁ କୁହାଯାଇଥିଲା। ତେଣୁ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ପରିତ୍ୟକ୍ତ କୋଠାର ମରାମତି କରି ରିପୋର୍ଟ ଦାଖଲ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ମାନବାଧିକାର କର୍ମୀ ନିବେଦନ କରିଛନ୍ତି।

## ଘରୋଇ ଜମିରେ ସ୍ଲରି ପାଇପ୍ ବିଛାଉଛି ଠିକାସଂସ୍ଥା

### ଉପ ଜିଲାପାଳଙ୍କୁ ଅଭିଯୋଗ କଲେ ଜମି ମାଲିକ

ଯୋଡ଼ା,୨୧।୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ବଡ଼ବିଲ ତହସିଲ ଅନ୍ତର୍ଗତ ଯୋଡ଼ା ବ୍ଲକ୍‌ର ବାମେବାରି ଥାନା ଅଧୀନରେ ଥିବା ଜଜାଙ୍ଗ ମୌଜାରେ ବେଆଇନ ଭାବେ ଏକ ଠିକାସଂସ୍ଥା ଘରୋଇ ଜମିରେ ସ୍ଲରି ପାଇପ ଲାଇନ୍ ବିଛାଉଛି। ଏ ନେଇ ଚମ୍ପୁଆ ଉପ ଜିଲାପାଳଙ୍କ ନିକଟରେ ଜମି ମାଲିକ ଲିଖିତ ଅଭିଯୋଗ କରିଛନ୍ତି। ଅନୁସୂଚିତ ଜାତିଙ୍କ ଜମିର କୌଣସି କ୍ଷତିପୂରଣ ନ ଦେଇ ଜବରଦସ୍ତ ପାଇପ ବିଛାଯାଉଥିବା ଅଭିଯୋଗରେ ଦର୍ଶାଯାଇଛି। ଘଟଣାରେ ଚମ୍ପୁଆ ଉପ ଜିଲାପାଳଙ୍କ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

ସୂଚନା ଅନୁଯାୟୀ, ଜଜାଙ୍ଗ ମୌଜାର ଖାତା ନଂ. ୪୯, ପ୍ଲଟ୍ ନଂ. ୪୧୮/୧୨୮୧, କିସମ ତଇଳା, ୨୮ ଡିସିମିଲ ଜମି ସ୍ଥାନୀୟ ଜରିବାର ଗ୍ରାମର ବଳଭଦ୍ର କାରୁଆ, ଯାତ୍ରୀ କାରୁଆ, ପୂର୍ଣ୍ଣିମା କାରୁଆ ଓ ଗୌର କାରୁଆଙ୍କ ମାଲିକାନାରେ ରହିଛି। ଉକ୍ତ



ବଡ଼ ମେଶିନ ଦ୍ୱାରା ଘରୋଇ ଜମିରେ ପାଇପ ଲାଇନ୍ ଖୋଳାଯାଉଛି।

ଜମି ଉପରେ ସ୍ଲରି ପାଇପ୍ ଲାଇନ୍ ନେବା ପାଇଁ ଉକ୍ତ ସଂସ୍ଥା ପକ୍ଷରୁ ଗତ ୨ ମାସ ହେବ ଜମି ମାଲିକଙ୍କ ସହ ଆଲୋଚନା କରାଯାଇଥିଲା। କ୍ଷତିପୂରଣ ବାବଦରେ ୧୦ ଲକ୍ଷ ଟଙ୍କା ଦେବା ପାଇଁ ସଂସ୍ଥା ପକ୍ଷରୁ ସହମତି ପ୍ରକାଶ ପରେ ଚୁକ୍ତିପତ୍ର ପ୍ରସ୍ତୁତ କରାଯାଇଥିଲା। ମାତ୍ର ପରେ ଠିକାସଂସ୍ଥା ପକ୍ଷରୁ କ୍ଷତିପୂରଣ ପ୍ରଦାନ ପାଇଁ ହୋଇଥିବା ଚୁକ୍ତି ଏଡ଼ାଇ ଦିଆଯାଇଥିଲା। ବାରମ୍ବାର ଜମି ମାଲିକ କମ୍ପାନୀ ଅଧିକାରୀଙ୍କୁ ଜଣାଇବା ପରେ ମଧ୍ୟ କେହି ଶୁଣି ନ ଥିଲେ। ମଙ୍ଗଳବାରଠାରୁ ସଂସ୍ଥାର ଅଧିକାରୀମାନେ ମେଶିନ୍ ସାହାର୍ଯ୍ୟରେ ଜମି ଖୋଳି ପାଇପ୍ ଲାଇନ ବିଛାଇବା କାର୍ଯ୍ୟ ଆରମ୍ଭ କରିଥିଲେ। ଏହି ସମୟରେ ଜମି କ୍ଷତିପୂରଣ ଟଙ୍କା ମିଳି ନ ଥିବାରୁ ମାଲିକମାନେ କାର୍ଯ୍ୟ ବନ୍ଦ କରିବାକୁ କହିଥିଲେ। ମାତ୍ର ଅଧିକାରୀମାନେ ଧମକ ଦେଇ କାର୍ଯ୍ୟ ଜାରି ରଖିଥିଲେ। ନ୍ୟାୟ ପାଇଁ ଜମି ମାଲିକ ପରିବାର ସହ ବୁଧବାର ଚମ୍ପୁଆ ଉପ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଏହାର ସମାଧାନ କରିବା ପାଇଁ ବାମେବାରି ଥାନା ଅଧିକାରୀଙ୍କୁ ମଧ୍ୟ ଜଣାଇଥିବା ଜମି ମାଲିକମାନେ କହିଛନ୍ତି। ଚମ୍ପୁଆ ଉପଜିଲାପାଳ ସୁକାନ୍ତ ମାଝୀ କହିଛନ୍ତି, ଜମିର ଠିକ୍ ରେକର୍ଡ ଯାଞ୍ଚ କରିବାକୁ ତହସିଲଦାରଙ୍କୁ କୁହାଯାଇଛି। ବାମେବାରି ଥାନା ଅଧିକାରୀ ଦୀପ୍ତି ରଞ୍ଜନ ସାହୁ କହିଛନ୍ତି, ଜମି ମାଲିକମାନେ ଏହାର ସମାଧାନ ପାଇଁ ଥାନାର ଦ୍ୱାରସ୍ଥ ହୋଇଥିଲେ। ଲିଖିତ ଭାବେ ଜଣାଇଲେ ଆପୋଷ ବୁଝାମଣା ପାଇଁ ଚେଷ୍ଟା କରାଯିବ। ପାଇପ୍ ଲାଇନ ବିଛାଉଥିବା ସଂସ୍ଥାର ପ୍ରତିକ୍ରିୟା ମିଳିପାରିନାହିଁ।

## ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ପାଇଁ ଦାବିପତ୍ର

ଘସିପୁରା(ନିରଞ୍ଜନ ସାହୁ)/ ହାଟଡ଼ିହୀ(ଶୁଭକାନ୍ତ ନାୟକ),୨୧।୨

କେନ୍ଦୁଝର ଜିଲା ଆନନ୍ଦପୁର ଉପ ଜିଲାପାଳଙ୍କ ନିକଟରେ ଷ୍ଟେଟ୍ ୟୁନିୟନ୍ ଅଫ୍ ଜର୍ନାଲିଷ୍ଟ(ଏସ୍‌ୟୁଜେ)ର କେନ୍ଦୁଝର ଜିଲା ଶାଖା ପକ୍ଷରୁ ବିଭିନ୍ନ ଦାବିକୁ ନେଇ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଗଣମାଧ୍ୟମ ପ୍ରତିନିଧିମାନେ ସରକାରଙ୍କ ଜନକଲ୍ୟାଣମୂଳକ କାର୍ଯ୍ୟର ପ୍ରଚାର ପ୍ରସାର ସହିତ ଅଞ୍ଚଳରେ ରହିଥିବା ବିଭିନ୍ନ ସମସ୍ୟା, ଦୁର୍ନୀତି, ଅବ୍ୟବସ୍ଥାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥାନ୍ତି। ଏ ନେଇ ବିଭିନ୍ନ ସମୟରେ ଆକ୍ରମଣର ଶିକାର ହେବାକୁ ପଡ଼ିଥାଏ। ଏଣୁ ଖବରଦାତାଙ୍କ ସ୍ୱଚ୍ଛତା ବଜାୟ ରଖିବା ଦିଗରେ କାର୍ଯ୍ୟକରିବାକୁ ହେଲେ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ହେବାର ଆବଶ୍ୟକ ରହିଛି। ଏଥିସହ ଭୁବନେଶ୍ୱରରେ ବହୁ ତଳ ଓ ବହୁ ପ୍ରକୋଷ୍ଠ ବିଶିଷ୍ଟ ସାମ୍ବାଦିକ ଭବନ ପ୍ରତିଷ୍ଠା, କାର୍ଯ୍ୟରତ ସାମ୍ବାଦିକମାନଙ୍କ ପାଇଁ ମାସିକ ୨୫ ହଜାର ଟଙ୍କା ଓ ଅବସର ନେଇସାରିଥିବା ସାମ୍ବାଦିକମାନଙ୍କ ପାଇଁ ମାସିକ ୨୦ ହଜାର ଟଙ୍କା ଭତ୍ତା ପ୍ରଦାନର ବ୍ୟବସ୍ଥା ଗ୍ରହଣ କରିବାକୁ ଦାବି କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଏସ୍‌ୟୁଜେ କେନ୍ଦୁଝର ଜିଲା ଶାଖା ପକ୍ଷରୁ ଦିଲ୍ଲୀପ କୁମାର ମିଶ୍ର, ଶ୍ରୀକୁମାର ମିଶ୍ର, ନାରାୟଣ ସାହୁ, ସ୍ୱପ୍ନେଶ୍ୱର ପଣ୍ଡା, ରାଜୀବ ଲୋଚନ ଜେନା, ରାଜେନ୍ଦ୍ର ଦାଶ, ସଞ୍ଜୟ କୁମାର ଦଳେଇ, ଗତିକୃଷ୍ଣ ଭୂୟାଁ, ରାଜକିଶୋର ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେଇ ଦାବି ଉପସ୍ଥାପନ କରିଥିଲେ।

## ଜିଲା କ୍ରୀଡ଼ା ସଂଘ ନିର୍ବାଚନ ହେଉନି

### ବାର୍ଷିକ ସାଧାରଣ ବୈଠକ, ନିର୍ବାଚନ କରିବାକୁ ଦାବି

କେନ୍ଦୁଝର,୨୧।୨(ଦୀପକ ମିଶ୍ର)

କେନ୍ଦୁଝର ଜିଲା କ୍ରୀଡ଼ା ସଂସ୍ଥା ନିର୍ବାଚନ କମିଟିର କାର୍ଯ୍ୟକାଳ ଶେଷ ହୋଇଥିଲେ ହେଁ ନିର୍ବାଚନ ହେଉନାହିଁ। ଫଳରେ ଜିଲାରେ କ୍ରୀଡ଼ାର ବିକାଶ ତ ଦୂରର କଥା ଦୀର୍ଘ ବର୍ଷ ଧରି ଖେଳ ହେଉନାହିଁ। କ୍ରୀଡ଼ା ସଂଘର ସମ୍ପାଦକ ସନ୍ଧ୍ୟା ସମୟରେ ଅଫିସକୁ ଆସି ଏକୁଟିଆ କିଛି ନିତିଦିନିଆ କାର୍ଯ୍ୟ କରୁଥିବା ଅଭିଯୋଗ ଜଣାଯାଇଛି। ସୂଚନା ଅନୁଯାୟୀ, ୨୦୧୬ରେ ଜିଲା କ୍ରୀଡ଼ା ସଂସ୍ଥା ନିର୍ବାଚନ ହୋଇଥିଲା। ନିର୍ବାଚିତ ବଡ଼ିର କାର୍ଯ୍ୟକାଳ ୪ ବର୍ଷ ହୋଇଥିବା ବେଳେ ୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ଅତିବାହିତ ହୋଇଯିବା ସତ୍ତ୍ୱେ ନିର୍ବାଚନ ହେଉନାହିଁ। ସାଧାରଣ ପରିଚାଳନା ବୈଠକ ମଧ୍ୟ ଡକାଯାଉନାହିଁ। ଏଥିସହ ୩୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲାଣି ନୂଆ ସଦସ୍ୟ ଗ୍ରହଣ କରାଯାଉନାହିଁ। ଗତ ନିର୍ବାଚନରେ ୧୮୦ ପାଖାପାଖି ସଭ୍ୟ ଭୋଟ ଦେଇ ଥିବା ବେଳେ ବର୍ତ୍ତମାନ ୧୫୦ ସଦସ୍ୟ ରହିଥିବା ସଦସ୍ୟ ସଂଗ୍ରାମ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଇତି ମଧ୍ୟରେ ଯୁଗ୍ମ ସମ୍ପାଦକ ରମାକାନ୍ତ ମହାନ୍ତି ପଦରୁ ଇସ୍ତଫା ଦେଇଛନ୍ତି। ଫେବୃଆରୀ ୨୦ରେ ସଂଘ ପକ୍ଷରୁ ୬୦ରୁ ଉର୍ଦ୍ଧ୍ୱ ସଭ୍ୟ ବାର୍ଷିକ ସାଧାରଣ ବୈଠକ ଓ ଶୀଘ୍ର ନିର୍ବାଚନ କରିବାକୁ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ସଂଘର ସମ୍ପାଦକ ଡା. ଜନାର୍ଦ୍ଦନ ଦାଶ କହିଛନ୍ତି, ୨୦୨୨ରେ ଜିଲାପାଳ ତଥା ସଂଘର ସଭାପତିଙ୍କୁ ସାଧାରଣ ପରିଷଦ ବୈଠକ ଓ ନିର୍ବାଚନ ପାଇଁ ଲିଖିତ ଭାବେ ଜଣାଇଥିଲେ। ତତ୍କାଳୀନ ଜିଲାପାଳ ଜିଲା କ୍ରୀଡ଼ା ଅଧିକାରୀଙ୍କୁ ଏ ବିଷୟରେ ମତ ଦେବା ପାଇଁ କହିଥିଲେ ସୁଦ୍ଧା ଏହା ବିଳମ୍ବ ହୋଇଛି। ସଦସ୍ୟ ଡା. ସନ୍ଦୀପ ପଟ୍ଟନାୟକ କହିଛନ୍ତି, ଜିଲାପାଳଙ୍କୁ ସାକ୍ଷାତ କରି ଲିଖିତ ଅଭିଯୋଗ କରିଛନ୍ତି। ଜିଲାପାଳ ବିଶାଳ ସିଂ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଜଙ୍ଗଲ ନିଆଁ ନିରାକରଣ ପାଇଁ ସମନ୍ୱୟ ବୈଠକ

ଆନନ୍ଦପୁର,୨୧।୨( ଉମେଶ ଚନ୍ଦ୍ର ପାଢ଼ୀ)

କେନ୍ଦୁଝର ଜିଲା ଆନନ୍ଦପୁର ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ଓଡ଼ିଶା ସରକାର ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନନ୍ଦପୁର ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ବନାଞ୍ଚଳସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଆନନ୍ଦପୁର ବନାଞ୍ଚଳ ମୁଖ୍ୟ ଅଧିକାରୀ ଅଭୟ କୁମାର ଦଳେଇ, ସହକାରୀ ବନ ଅଧିକାରୀ ବିବେକ ଦାସ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଦସ୍ୟା ଚୁନି ରଣା, ସଞ୍ଜୟ ମଲ୍ଲିକ, ମୁଖ୍ୟ ବକ୍ତାଭାବେ ମମତା ବାଳା ତ୍ରିପାଠୀ ଯୋଗଦେଇ ଜଙ୍ଗଲରେ ବନ୍ୟପ୍ରାଣୀ ଶିକାର, ମହୁଲ ଚାର ଇତ୍ୟାଦି ସଂଗ୍ରହ ପାଇଁ, ପୋଡୁ ଚାଷ ନ କରିବାକୁ, ଜଙ୍ଗଲରେ ପୂଜା ପାର୍ବଣ ସମୟରେ ନିଆଁ ନ ଲାଗାଇବାକୁ ପରାମର୍ଶ ଦେଇଥିଲେ। ଏଥିସହ ଗ୍ରୀଷ୍ମ ଋତୁ ତଥା ଫେବୃଆରୀ ମାସଠାରୁ ଜୁନ୍ ମାସ ମଧ୍ୟରେ ଜଙ୍ଗଲ ମଧ୍ୟକୁ ଦିଆସିଲି, ଲାଇଟ୍‌ର ଇତ୍ୟାଦି ନ ନେବାକୁ ଉପସ୍ଥିତି ସାଧାରଣ ଲୋକଙ୍କୁ କହିଥିଲେ। ନିୟମ ଉଲ୍ଲଙ୍ଘନ କଲେ ଓଡ଼ିଶା ଜଙ୍ଗଲ ଆଇନ ଅନୁଯାୟୀ ସର୍ବାଧିକ ୭ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଏବଂ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ଜରିମାନା ଦେବାକୁ ହେବ ବୋଲି କହିଥିଲେ। ବନପାଳ ମଳୟ ସାହୁ ସଂଯୋଜନା କରୁଥିବା ବେଳେ ଆନନ୍ଦପୁର ସହକାରୀ ବନାଞ୍ଚଳ ଅଧିକାରୀ ନବକିଶୋର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ୪୬ ଟି ବନ ସୁରକ୍ଷା ସମିତିର ସଭ୍ୟସଭ୍ୟା ଯୋଗ ଦେଇଥିବା ବେଳେ ଗୟଳମୁଣ୍ଡା ଫରେଷ୍ଟର ଅନାଦି ଚରଣ ବାରିକ, ବୁଢ଼ୀକୁଦ ଲକ୍ଷ୍ମୀଧର କିସ୍କୁ, ଆନନ୍ଦପୁର ବନପାଳ ଅନନ୍ତ ଚରଣ ପରିଡ଼ା ଯୋଗଦେଇ ଜଙ୍ଗଲରେ ନିଆଁ ଲାଗିଲେ ବନ ବିଭାଗକୁ ସମ୍ପର୍କିତ ଖବର ଦେବାକୁ କହିଥିଲେ।

## ନିକଲସନ ବନ ବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ

ଚମ୍ପୁଆ,୨୧।୨(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ସଦର ମହକୁମାରେ ଅବସ୍ଥିତ ସର୍ବପୁରାତନ ନିକଲସନ ବନ ବିଦ୍ୟାଳୟର ୧୦୮ତମ ଦିକ୍ଷାନ୍ତ ପରେଡ୍ ଓ ସମାବର୍ତ୍ତନ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପ୍ରଶିକ୍ଷଣ ଓ ବିକାଶ ସିସିଏଫ୍ ଅକ୍ଷୟ ପଟ୍ଟନାୟକ, ଅନ୍ୟମାନଙ୍କ ମଧ୍ୟରେ ବନ ବିଦ୍ୟାଳୟର ଅଧ୍ୟକ୍ଷ ପ୍ୟାରିମୋହନ ମାଝି, କେନ୍ଦୁଲିପି ଡିଏଫ୍‌ଓ ନିତ୍ୟାନନ୍ଦ ନାଏକ, ଏସିଫ୍ ମୋହନ ହେମ୍ବ୍ରମ, ଏସିଏଫ୍ ସତ୍ୟବ୍ରତ ମହାନ୍ତି, ପ୍ରଶିକ୍ଷକ ଅମର ବେହେରା ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶାର ୨୨ ଗୋଟି ଡିଭିଜନରୁ ୬୮ଜଣ ମହିଳା ଓ ୮ ପୁରୁଷ ବନରକ୍ଷୀ ୬ ମାସ ଧରି ପ୍ରଶିକ୍ଷଣ ନେଇଥିଲେ। ବନ ବିଦ୍ୟାଳୟ ପଡ଼ିଆଠାରେ ଦିକ୍ଷାନ୍ତ ପରେଡ୍ ଅନୁଷ୍ଠିତ ହୋଇଥିଲା। ଶିବିରରେ ସବୁ କ୍ଷେତ୍ରରେ ପାରଦର୍ଶିତା ଦେଖାଇଥିବା କେନ୍ଦୁଝରେ ଡିଭିଜନର ପୁଜାରାଣୀ ବଳ, ବଣେଇ ଡିଭିଜନର ଉତ୍କଳ କେଶରୀ ରାଉତ, ମହିଳା ଆଥଲେଟିକ୍ ଚାମ୍ପିୟନ ରୋଜାଲିନ ମହାପାତ୍ର, ପୁରୁଷ ଆଥଲେଟିକ୍ ଚାମ୍ପିୟନ ଅନିରୁଦ୍ଧ ବେହେରାଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା।

## ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ବୁଝାଇଲେ ବିଧାୟକ

ପାଟଣା,୨୧।୨(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ କଣ୍ଟିଆପଡ଼ା ଓ ତୁରୁମୁଙ୍ଗା ପଞ୍ଚାୟତରେ ବୁଧବାର ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କଣ୍ଟିଆପଡ଼ା ପଞ୍ଚାୟତରେ ସରପଞ୍ଚ ଲିନା ନାୟକଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବରେ ପାଟଣା ବିଧାୟକ ଜଗନ୍ନାଥ ନାଏକ ଯୋଗଦେଇ ସରକାରଙ୍କ ଲୋକାଭିମୁଖୀ ଯୋଜନା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତାଭାବରେ କୁଡୁମୀ ସେନା ରାଜ୍ୟ ଉପସଭାପତି ମିତ୍ରଭାନୁ ମହାନ୍ତ, ସମ୍ମାନିତ ଅତିଥିଭାବରେ ବ୍ଲକ୍ ଅଧ୍ୟକ୍ଷା ସୁକାନ୍ତି ନାଏକ, ଜିଲା ପରିଷଦ ସଦସ୍ୟ ପ୍ରଫୁଲ୍ଲ ନାଏକ, ସଞ୍ଜୁଲତା ମହାନ୍ତ, ବିନତୀ ବାନରା, ଭାମାମଣି ଦାସ, ଦୀପକ ମଣ୍ଡଳ, ରକ୍ଷାମଣି ନାଏକ, କେନ୍ଦେଇପଶି ସରପଞ୍ଚ ମିନାକ୍ଷୀ ନାଏକ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶୋଭାଶ୍ରୀ ସେଠୀ, ଯନ୍ତ୍ରୀ ମୋନାଲିସା ଚକ୍ର ପ୍ରମୁଖ ଯୋଗଦେଇଥିଲେ। କଣ୍ଟିଆପଡ଼ା ପଞ୍ଚାୟତର ୧୫ ନୂତନ ହିତାଧିକାରୀଙ୍କ ଭତ୍ତା ବଣ୍ଟନ କରାଯାଇଥିଲା।

**ଭଦ୍ରକ**

## ଶିକୁଳିରେ ବନ୍ଧା ଜୀବନ

- ୧୩ ବର୍ଷ ହେଲା ଭୋଗୁଛନ୍ତି କଷ୍ଟ
- ଚିକିତ୍ସା ପାଇଁ ଅର୍ଥ ନାହିଁ

ଚାନ୍ଦବାଲି,୨୧।୨(କିଷାନ ପାତ୍ର): ଭେଣ୍ଡିଆ ପୁଅର ଚିକିତ୍ସା ପାଇଁ ପାଖରେ ଅର୍ଥ ନାହିଁ। ଧାର୍ କରଜ କରି ଚିକିତ୍ସା ପରେ ବି କିଛି ସୁଫଳ ମିଳିନାହିଁ। ଶେଷରେ ନିରୁପାୟ ହୋଇ ୧୩ ବର୍ଷ ହେଲା ମାନସିକ ବିକୃତ ପୁଅକୁ ଶିକୁଳିରେ ବାନ୍ଧି ରଖିଛନ୍ତି। ୭ ବର୍ଷ ବୟସରୁ ଶିକୁଳିରେ ବନ୍ଧା ପଡ଼ିଛି ପୁଅର ଜୀବନ। ପୁଅର ଚିକିତ୍ସା ନିମନ୍ତେ ସାହାଯ୍ୟ ପାଇଁ ମା’ ବାପା ଆକୁଳ ନିବେଦନ କରିଛନ୍ତି। ଏଭଳି ଏକ ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ମହୁଲିଆ ପଞ୍ଚାୟତର ନିଶ୍ଚନ୍ତା ଗାଁରେ। ଗାଁର କାଳନ୍ଦୀ ଯେନାଙ୍କ ସାନପୁଅ ଲିପୁନ(୨୦)। ଛୋଟ ବେଳେ ଲିପୁନ ବହୁତ ଚାଲାକ ଥିଲେ। ଗାଁର ପ୍ରାଥମିକ ବିଦ୍ୟାଳୟରେ ପାଠ ପଢୁଥିଲେ। ପରିବାର ଲୋକଙ୍କ କହିବା ଅନୁଯାୟୀ, ୭ ବର୍ଷ ବୟସରେ ଲିପୁନଙ୍କୁ ଜ୍ୱର ହୋଇଥିଲା। ଡାକ୍ତର ଦେଖାଇ ମେଡିଶିନ ଖାଇବା ପରେ ଭଲ ହେବା ପରିବର୍ତ୍ତେ ସେ ଉତ୍ତେଜିତ ହେବା ସହ ତାଙ୍କ ପାଟିରୁ ଲାଳ ବାହାରିଥିଲା। ଧୀରେ ଧୀରେ ସେ ସମ୍ପୂର୍ଣ୍ଣ ମୂକ ପାଲଟି ଯାଇଥିଲେ। ଗରିବ ମା’ ବାପା ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଆରମ୍ଭ କରି ପରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସା ଲାଗି ଧାର୍ କରଜ କରି ଖର୍ଚ୍ଚାନ୍ତ ହୋଇଥିଲେ ମଧ୍ୟ କିଛି ସୁଫଳ ମିଳିଲା ନାହିଁ। ଲିପୁନ ଭଲ ହେବା ପାଇଁ ଅଧିକ ଟଙ୍କା ଲାଗିବ ବୋଲି ଡାକ୍ତର ଜଣାଇଥିବା କାଳନ୍ଦୀ କହିଛନ୍ତି। ଅଧିକ ଚିକିତ୍ସା ପାଇଁ ସାମର୍ଥ୍ୟ ନ ଥିବାବେଳେ ପୁଅର ପାଗଳାମୀ ବଢ଼ିବାରୁ ଶେଷରେ ଶିକୁଳିରେ ବାନ୍ଧି ରଖିଥିବା ସେ କହନ୍ତି। କାଳନ୍ଦୀ ବାଉଁଶ ପାଛିଆ ବୁଣି ତାକୁ ବଜାରରେ ବିକ୍ରି କରି ପରିବାର ଚଳାନ୍ତି। ତାଙ୍କ ପରିବାରକୁ ସ୍ୱାସ୍ଥ୍ୟକାର୍ଡ ମିଳିଥିଲେ ମଧ୍ୟ ସେଥିରେ ଲିପୁନଙ୍କ ନାମ ନ ଥିବାରୁ ସୁବିଧା ନେଇପାରୁ ନାହାନ୍ତି। ସେହିପରି ଟିପ ଚିହ୍ନ ସମସ୍ୟାରୁ ରାଶନ ସାମଗ୍ରୀରୁ ବଞ୍ଚିତ ଅଛନ୍ତି। ବ୍ୟୟବହୁଳ ଚିକିତ୍ସା ପାଇଁ ସମ୍ପୂର୍ଣ୍ଣ ଅସମର୍ଥ ଥିବାରୁ ସାହାଯ୍ୟ ଆଶାରେ ଅପେକ୍ଷା କରିଛନ୍ତି। ଏ ସମ୍ପର୍କରେ ବିଡିଓଙ୍କୁ ପଚାରିଥିଲେ ମଧ୍ୟ ସେ କୌଣସି ଉତ୍ତର ଦେଇ ନ ଥିଲେ।



ଶିକୁଳିରେ ବନ୍ଧା ଯାଇଥିବା ଲିପୁନ।

## ଲଗ୍ନଧରା ହୋଇଥାନ୍ତା

## ନିଆଁ ଲାଗି ଜଳିଗଲା ଟଙ୍କା, ସୁନା

ଚାନ୍ଦବାଲି,୨୧।୨(ଅଶୋକ କୁମାର ପଣ୍ଡା/କିଷାନ ପାତ୍ର)– ରାତି ପାହିଲେ ଝିଅ ବାହାଘର ପାଇଁ ଲଗ୍ନଧରା ହୋଇଥାନ୍ତା। ପୂର୍ବ ରାତିରେ ଘରେ ଅଗ୍ନିକାଣ୍ଡ ଘଟି ସୁନା ଅଳଙ୍କାର ଓ ଟଙ୍କା ଜଳିଯାଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ଏଭଳି ଘଟଣା ଘଟିଛି ଚାନ୍ଦବାଲି ବ୍ଲକର ଉତ୍ତୁକୁଡ଼ା ଗ୍ରାମରେ। ଗ୍ରାମର ରବୀନ୍ଦ୍ର ରାଉତ ଓ ଅଭିମନ୍ୟୁ ରାଉତ ଦୁଇ ଭାଇଙ୍କ ଘରେ ବିଦ୍ୟୁତ୍ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ୩ ବଖରା ଜଳିଯାଇଛି। ରବୀନ୍ଦ୍ରଙ୍କ ଝିଅ ବିବାହ ପାଇଁ ଘରେ ରଖାଯାଇଥିବା ଲଗ୍ନ ସାମଗ୍ରୀ, ଅଳଙ୍କାର ସହ ଲକ୍ଷାଧିକ ଟଙ୍କାର ଆସବାବପତ୍ର ଓ ନଗଦ ଟଙ୍କା ପୋଡ଼ି ପାଉଁଶ ହୋଇଯାଇଛି।

## ମିଶନ ଶକ୍ତି ସିଆର୍‌ପିଙ୍କୁ ହତ୍ୟା ଧମକ

### ଅଡିଓ ଭାଇରାଲ, ଥାନାରେ ମାମଲା

ଚାନ୍ଦବାଲି, ୨୧।୨

(କିଷାନ ପାତ୍ର/ଅଶୋକ କୁମାର ପଣ୍ଡା)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ କାଣ୍ଡଗରିଡ଼ି ପଞ୍ଚାୟତରେ ଜଣେ ବିଜେଡି ନେତ୍ରୀ ତଥା ମିଶନ ଶକ୍ତି ସଭାନେତ୍ରୀ ସିଆର୍‌ପିଙ୍କୁ ଧମକ ଦେଇଛନ୍ତି। ଏହାର ଅଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ବେଳେ ସିଆର୍‌ପି ମିତାଞ୍ଜଳି ସାମଲ ମଙ୍ଗଳବାର ଚାନ୍ଦବାଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେ ଏତଲାରେ ଦର୍ଶାଇଛନ୍ତି ଯେ, ପଞ୍ଚାୟତର ବିଜେଡି ନେତ୍ରୀ ତଥା ମିଶନ ଶକ୍ତି ସଭାନେତ୍ରୀ ଜ୍ୟୋତ୍ସ୍ନା ଘଡ଼େଇ ଗତ ୧୭ ତାରିଖରେ ଫୋନ୍ ମାଧ୍ୟମରେ ତାଙ୍କୁ କାହିଁକି କଂଗ୍ରେସ ସଭାକୁ ଯାଇଛ ବୋଲି କହିବା ସହ ଗାଳିଗୁଲଜ କରି ହତ୍ୟା ଧମକ ଦେଇଥିଲେ। ସେହିଦିନ ସଭାନେତ୍ରୀଙ୍କ ନିର୍ଦ୍ଦେଶରେ ସନ୍ଧ୍ୟା ପ୍ରାୟ ୭ଟା ବେଳେ ଦୁଇଜଣ ମହିଳା ତାଙ୍କ ଘରେ ପହଞ୍ଚି ମାଡ଼ ମାରି ସିଆର୍‌ପି ଖାତା ସହ ଜରୁରୀ କାଗଜପତ୍ର ଛଡ଼ାଇ ନେଇଥିଲେ। ଏନେଇ ମିତାଞ୍ଜଳି ଥାନା ଦ୍ୱାରସ୍ଥ ହୋଇ ନ୍ୟାୟ ଦାବି କରିଛନ୍ତି। ପୋଲିସ ଏକ ମାମଲା (ନଂ.୬୩/୨୪) ରୁଜୁ କରିଛି। ନଗର କଂଗ୍ରେସ ସଭାପତି ବଦ୍ରିନାଥ ନାୟକ, ପୂର୍ବତନ ବ୍ଲକ ସଭାପତି ବୃନ୍ଦାବନ ମହାଲିକ, ନଗର କଂଗ୍ରେସ ସମ୍ପାଦିକା ପୂର୍ଣ୍ଣିମା ନାୟକ, ସୁରେନ୍ଦ୍ର ମହାନ୍ତି, ଭୋଳାନାଥ ନାୟକ, ସବ୍ୟସାଚୀ ରଥ, ରତ୍ନାକର ସାମଲ, ନିରଞ୍ଜନ ପରିଡ଼ା, ଆନନ୍ଦ ରାଉତ ପ୍ରମୁଖ ଥାନାରେ ଉପସ୍ଥିତ ଥିଲେ। ଅପରପକ୍ଷେ ବିଜେଡି ନେତ୍ରୀ ଘଡ଼େଇ ପାଲଟା ଅଭିଯୋଗ କରିଛନ୍ତି। ମିତାଞ୍ଜଳି ତାଙ୍କ ଘରେ ପଶି ମାଡ଼ ମାରିଥିବା ସେ ଏତଲାରେ ଉଲ୍ଲେଖ କରିଛନ୍ତି। ଏନେଇ ଥାନାରେ ଅନ୍ୟ ଏକ ମାମଲା (ନଂ.୬୪/୨୪) ରୁଜୁ କରାଯାଇଛି। ବୁଧବାର ଆଉ ଏକ ଅଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ସିଆର୍‌ପିଙ୍କ ଅଭିଯୋଗକ୍ରମେ ସଭାନେତ୍ରୀଙ୍କ ସମେତ ୩ଜଣଙ୍କ ନାଁରେ ମାମଲା ରୁଜୁ କରାଯାଇଛି। ବୁଧବାର ସନ୍ଧ୍ୟାରେ ଉଭୟ ପକ୍ଷକୁ ଥାନାକୁ ଡକାଯାଇ ଆଲୋଚନା କରାଯାଇଥିଲେ ମଧ୍ୟ ସମାଧାନ ହୋଇପାରି ନାହିଁ।

## ଟ୍ରାକ୍ଟର ଧକ୍କାରେ ଶିଶୁ ମୃତ

ବାସୁଦେବପୁର,୨୧।୨ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଖରିଦାବିନାୟକପୁର ଗ୍ରାମର ଡାଙ୍ଗି ମଳିକ ସାହି ବସ୍ତିରେ ବୁଧବାର ଅପରାହ୍ନରେ ଏକ ଟ୍ରାକ୍ଟର ଧକ୍କାରେ ଜଣେ ଶିଶୁପୁତ୍ରର ମୃତ୍ୟୁ ଘଟିଛି। ମୃତ ଶିଶୁ ହେଲେ ଅଭୟ ମଳିକଙ୍କ ପୁଅ ବିସ୍ମୟ(୬)। ଉକ୍ତ ସାହି ରାସ୍ତାରେ ଏକ ମାଟି ବୋଝେଇ ଟ୍ରାକ୍ଟର ଯାଉଥିବା ବେଳେ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସହରାଞ୍ଚଳର ବିକାଶ ସଂକଳ୍ପ ସଚେତନତା




ଭଦ୍ରକ, ୨୧।୨ (ରବିନାରାୟଣ ଖିଲାର)

ଭଦ୍ରକ ପୌରପାଳିକାର କୁଆଁସସ୍ଥିତ ୧୬ ନଂ. ୱାର୍ଡର କଦମ୍ବବେଡାଠାରେ ବୁଧବାର ସହରାଞ୍ଚଳର ବିକାଶ ରାଜ୍ୟ ସରକାରଙ୍କ ସଂକଳ୍ପ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପ ସହରାଞ୍ଚଳର ବିକାଶ କରିଛି ବୋଲି କହିଥିଲେ। ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତି, କାଉନ୍‌ସିଲର ଆଶିଷ ଅମିତାଭ ମହାପାତ୍ର, ପୂର୍ବତନ କାଉନ୍‌ସିଲର ଘାଉଲି ଜେନା, ସେକ୍ ନାସିର ପ୍ରମୁଖ ଯୋଗ ଦେଇଥିଲେ।

## ଖବରଦାତାଙ୍କ ସୁରକ୍ଷା ଆଇନ ଦାବି

ଭଦ୍ରକ, ୨୧।୨ (ସନାତନ ରାଉତ)

ରାଜ୍ୟରେ କାର୍ଯ୍ୟରତ ଖବରଦାତାମାନଙ୍କ ପାଇଁ ସୁରକ୍ଷା ଆଇନ ପ୍ରଣୟନ, ମାସିକ ୨୫ ହଜାର ଟଙ୍କା ଭତ୍ତା, ବୟସାଧିକ କାରଣରୁ କାର୍ଯ୍ୟରୁ ବିରତ ହୋଇଥିବା ଖବରଦାତାଙ୍କୁ ମାସିକ ୨୦ ହଜାର ଟଙ୍କା ପେନ୍‌ସନ, ଭୁବନେଶ୍ୱରରେ ରାତ୍ରି ରହଣି ନିମନ୍ତେ ସାମ୍ବାଦିକ ଅତିଥି ଭବନ ନିର୍ମାଣ ପାଇଁ ରାଜ୍ୟ ସାମ୍ବାଦିକ ସଂଘ (ଏସ୍‌ୟୁଜେ) ପକ୍ଷରୁ ଦାବି କରାଯାଇଛି। ଏନେଇ ଭଦ୍ରକ ଜିଲା ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବୁଧବାର ଅତିରିକ୍ତ ଜିଲାପାଳ ସୁଚାରୁ ବଳଙ୍କୁ ପ୍ରଦାନ କରାଯାଇଛି। ଜିଲା ସଭାପତି ପ୍ରତାପ କୁମାର ଦାସଙ୍କ ଆବାହକତ୍ୱରେ ରାଜ୍ୟ ଉପସଭାପତି ବାସୁଦେବ ତ୍ରିପାଠୀ, ଜିଲା ସାଧାରଣ ସମ୍ପାଦକ ତପନ କୁମାର ମିଶ୍ର, ମୁଖ୍ୟ ଉପଦେଷ୍ଟା ନିହାର ଦାସ, ଉପଦେଷ୍ଟା ତପନ କୁମାର ସ୍ୱାଇଁ, ଧ୍ରୁବ ଚରଣ ବାରିକ, କାର୍ଯ୍ୟକାରୀ ସଭାପତି ଉମାକଲ୍ୟାଣ ମହାପାତ୍ର, ଉପସଭାପତି ଶିବାନନ୍ଦ ଦାସ, ଜଗନ୍ନାଥ ନାୟକ, ପ୍ରଭାତ କୁମାର ଦାସ, ଗୁଲାମ ଜିଲାନୀ ହବିବି, ଓମ୍‌ପ୍ରକାଶ ମିଶ୍ରଙ୍କ ସମେତ ସଂଘର ସଦସ୍ୟମାନେ ପ୍ରଥମେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପ୍ରତୀକ ଧାରଣା ଦେଇଥିଲେ।

## ୪୮ ସ୍କୁଲରେ ନାହାନ୍ତି ପ୍ରଧାନଶିକ୍ଷକ

### ଜିଲାରେ ରୂପାନ୍ତରଣ ହେଲାଣି ୨୮୧ ହାଇସ୍କୁଲ

ଭଦ୍ରକ,୨୧।୨ (ସନାତନ ରାଉତ): ୫-ଟି ଯୋଜନାରେ ଚତୁର୍ଥ ପର୍ଯ୍ୟାୟ ସୁଦ୍ଧା ଭଦ୍ରକ ଜିଲାରେ ୨୮୧ଟି ହାଇସ୍କୁଲ ରୂପାନ୍ତରଣ ହୋଇସାରିଛି। ଏଥିପାଇଁ ଜିଲାରେ ୧୫୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ସ୍ମାର୍ଟ କ୍ଲାସରୁମ୍, ନୂଆ ଟେବୁଲ, ଚେୟାର, ଆସବାବପତ୍ର, ଇ-ଲାଇବ୍ରେରୀ କରାଯାଇ ବିଦ୍ୟାଳୟଗୁଡ଼ିକ ଚକାଚକ କରାଯାଉଥିଲେ ମଧ୍ୟ ଆବଶ୍ୟକ ଶିକ୍ଷକ ନାହାନ୍ତି। ଶିକ୍ଷକ ପଦବୀ ପୂରଣ ହୋଇପାରୁ ନ ଥିବାରୁ ଶିକ୍ଷାଦାନରେ ସୁଧାର ଆସିପାରୁ ନାହିଁ। ଜିଲାରେ ନୂଆ ନିଯୁକ୍ତି ପରେ ମଧ୍ୟ ମୋଟ ୩୧୮ ହାଇସ୍କୁଲରେ ୩ଶହରୁ ଉର୍ଦ୍ଧ୍ୱ ଶିକ୍ଷକ ପଦବୀ ଏବେ ବି ଖାଲି ପଡ଼ିଛି। ସେହିପରି ୧୭୫ଟି ସରକାରୀ ହାଇସ୍କୁଲ ମଧ୍ୟରୁ ୪୮ଟି ହାଇସ୍କୁଲରେ ପ୍ରଧାନ ଶିକ୍ଷକ ନାହାନ୍ତି। ଏଭଳି ସ୍ଥିତି କେବଳ ସରକାରୀ ହାଇସ୍କୁଲ ନୁହେଁ, ବ୍ଲକଗ୍ରାଣ୍ଟ ଓ ଅନୁଦାନପ୍ରାପ୍ତ ହାଇସ୍କୁଲଗୁଡ଼ିକରେ ମଧ୍ୟ ଅନୁରୂପ ସମସ୍ୟା। କେବଳ ଶିକ୍ଷକ ନୁହେଁ କିରାଣି, ପିଅନ ଓ ରାତ୍ରଜଗୁଆଳି ପଦବୀ ଖାଲି ପଡ଼ିଛି।

ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ଅକ୍ରୁର ବାରିକ୍ କହିଛନ୍ତି, ଜିଲାରେ ୨୯୦ ଶିକ୍ଷକ ନୂଆ ନିଯୁକ୍ତି ପାଇଛନ୍ତି। ସରକାରଙ୍କ ପକ୍ଷରୁ ପର୍ଯ୍ୟାୟକ୍ରମେ ନୂଆ ନିଯୁକ୍ତି ଦିଆଯାଉଛି। ପ୍ରକାଶଥାଉ କି, ଜିଲାରେ ୩୦୨ଟି ହାଇସ୍କୁଲ ରୂପାନ୍ତରଣ ହେବାକୁ ଥିବାବେଳେ ୧ମ ପର୍ଯ୍ୟାୟରେ ୧୭, ୨ୟ ପର୍ଯ୍ୟାୟରେ ୮୦, ତୃତୀୟ ପର୍ଯ୍ୟାୟରେ ୧୨୪ ଓ ୪ର୍ଥ ପର୍ଯ୍ୟାୟରେ ୬୦ ହାଇସ୍କୁଲ ରୂପାନ୍ତରିତ ହୋଇଛି।

## ଦିବ୍ୟାଙ୍ଗଙ୍କୁ ବଣ୍ଟାଗଲା ଉପକରଣ



ଅତିଥିମାନେ ହିତାଧିକାରୀଙ୍କୁ ଦିବ୍ୟାଙ୍ଗ ଉପକରଣ ପ୍ରଦାନ କରୁଛନ୍ତି।

ବାସୁଦେବପୁର, ୨୧।୨ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ କାର୍ଯ୍ୟାଳୟ ପରିସରରେ କେନ୍ଦ୍ର ସାମାଜିକ କଲ୍ୟାଣ ସଶକ୍ତୀକରଣ ବିଭାଗ ପକ୍ଷରୁ ବ୍ଲକ ପ୍ରଶାସନ ସହଯୋଗରେ ବୁଧବାର ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ଉପକରଣ ବଣ୍ଟନ କରାଯାଇଛି। ମୁଖ୍ୟଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଯୋଗଦେଇ ସଭାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବିଡିଓ ସଞ୍ଜୀବ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ୧୪୬ ହିତାଧିକାରୀଙ୍କୁ ୨୧୯ଟି ଦିବ୍ୟାଙ୍ଗ ପାଇଁ ଉଦ୍ଦିଷ୍ଟ ଉପକରଣ ବଣ୍ଟନ କରାଯାଇଥିଲା। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଆଭାରଞ୍ଜିତା ପୁହାଣ ଧନ୍ୟବାଦ ଅର୍ପଣ କରିଥିଲେ।

## ନଦୀରୁ ନିଖୋଜ ଯୁବକଙ୍କ ମୃତଦେହ ଜବତ

ବଡ଼ବିଲ,(ଦେବପ୍ରିୟ ରଣା): କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ହାୟାରପୁର ଗ୍ରାମସ୍ଥିତ କାରୋ ନଦୀରୁ ବୁଧବାର ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତକ ଜଣକ ହେଲେ ଗ୍ରାମର ଦୁଲୁ ମୁଣ୍ଡା(୪୦)। ସେ ହାୟାରପୁର ଗ୍ରାମରେ ରହୁଥିଲେ। ଗତ ରବିବାର କିଛି ସାଙ୍ଗମାନଙ୍କ ସହ କାରୋ ନଦୀକୁ ମାଛ ଧରିବାକୁ ଯାଇ ବୁଡ଼ିଯାଇଥିଲେ। ଗ୍ରାମବାସୀ ଓ ଦମକଳ ବାହିନୀ ଖୋଜି ସନ୍ଧାନ ପାଇ ନ ଥିଲେ। ବୁଧବାର ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ କରୁଛି।

## ସଂକ୍ଷେପରେ

### କମ୍ୟୁନିଟି ସେଣ୍ଟର ନିର୍ମାଣ ବେଳେ ୱାର୍ଡସଭ୍ୟଙ୍କୁ ମାଡ଼

ବାସୁଦେବପୁର,୨୧।୨ (ନାରାୟଣ ପ୍ରସାଦ ବାରିକ୍)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ୍ ଅଧୀନ ବରଣ୍ଡୁଆ ପଞ୍ଚାୟତ ମଧୁସୂଦନପୁର ଗ୍ରାମରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ କମ୍ୟୁନିଟି ସେଣ୍ଟର ନିର୍ମାଣକୁ ବିରୋଧ କରାଯାଇଛି। ମଙ୍ଗଳବାର ଏକ ପରିବାର ପୂର୍ବରୁ ଥିବା ଜାଗା ବିବାଦକୁ କେନ୍ଦ୍ରକରି ଏହାକୁ ବିରୋଧ କରିବା ସହ କାର୍ଯ୍ୟ ତଦାରଖ କରୁଥିବା ୱାର୍ଡସଭ୍ୟଙ୍କୁ ଆକ୍ରମଣ କରିଥିଲେ। ଏନେଇ ୱାର୍ଡସଭ୍ୟ ସୁରେଶ ଚନ୍ଦ୍ର ପାଣିଗ୍ରାହୀ ବାସୁଦେବପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ବାଲେଶ୍ୱର ଜିଲା ସିମୁଳିଆ ଅଞ୍ଚଳ ମାଳିବ୍ରହ୍ମପୁର ଗାଁର ଏକ ପରିବାର ପହଞ୍ଚି ଉକ୍ତ ଜାଗାରେ ନିର୍ମାଣ କାର୍ଯ୍ୟ ବନ୍ଦ କରିଥିଲେ। ଏହାକୁ ନେଇ ବଚସା ହେବାରୁ ସେଠାରେ ଉପସ୍ଥିତ ସୁରେଶଙ୍କୁ ସେମାନେ ମାଡ଼ ମାରିଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ଆକ୍ରମଣରେ ଆହତ ହୋଇ ସେ ବାସୁଦେବପୁର ଡାକ୍ତରଖାନାରେ ଚିକିତ୍ସିତ ହୋଇଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୧୧୯/୨୪) ରୁଜୁ କରିଛି। ଅପରପକ୍ଷରୁ ଆରତିଲତା ସାହୁଙ୍କ ପାଲଟା ଅଭିଯୋଗକ୍ରମେ ୱାର୍ଡସଭ୍ୟଙ୍କ ନାଁରେ ଏକ ମାମଲା (ନଂ.୧୨୦/୨୪) ରୁଜୁ ହୋଇଛି।

### ୨ ଗୋ-ଚାଲାଣକାରୀ ଗିରଫ

ପାଟଣା,୨୧।୨(ବୀର କିଶୋର ଦାଶ): କେନ୍ଦୁଝର ଜିଲା ତୁରୁମୁଙ୍ଗା ପୋଲିସ ବୁଧବାର ୨ ଗୋ-ଚାଲାଣକାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ୨ ଯୁବକ ହେଲେ ମୟୂରଭଞ୍ଜ ଜିଲା ଯଶିପୁର ଗ୍ରାମର ଏମ୍‌ଡି ସହମଜ (୨୬) ଓ ବାଦାମପାହାଡ଼ର ଏସ୍‌କେ ଅଜରୁଲ(୨୩)। ମଙ୍ଗଳବାର ବିଳମ୍ବିତ ରାତିରେ ୪୯ ନମ୍ବର ଜାତୀୟ ରାଜପଥର ବାଉଁଶୁଳୀ ଛକ ନିକଟରେ ତୁରୁମୁଙ୍ଗା ଥାନାର ଏଏସ୍‌ଆଇ ସୁଜାତା ମାହାନ୍ତ ନାଇଟ୍ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଏକ ସ୍କର୍ପିଓ ତୁରୁମୁଙ୍ଗା ପାର୍ଶ୍ୱରୁ ଦ୍ରୁତଗତିରେ ପୋଲିସ ଗାଡ଼ିକୁ ସାଇଡ୍ ମାରିଥିଲା। ସ୍କର୍ପିଓଟି ଫେରାର ହୋଇ ଯାଉଥିବା ସମୟରେ ତୁରୁମୁଙ୍ଗା ପୋଲିସ ପିଛା କରିଥିଲା। ଟାଙ୍ଗରପଡ଼ା ନିକଟରେ ପାଟଣା ପୋଲିସ ନାକାବନ୍ଦୀ କରି ଗାଡ଼ିରେ ଥିବା ୪ ଜଣଙ୍କ ମଧ୍ୟରୁ ୨ଜଣଙ୍କୁ ପାଟଣା ଓ ତୁରୁମୁଙ୍ଗା ପୋଲିସ କାବୁ କରିବାରେ ସକ୍ଷମ ହୋଇଥିଲା। ୨ ଜଣ ଅନ୍ଧାରର ସୁଯୋଗ ନେଇ ବିଲ୍ ମଧ୍ୟରେ ଫେରାର ହୋଇଯାଇଥିଲେ। ଗାଡ଼ି ଭିତରୁ ପ୍ଲାଷ୍ଟିକ ରସି, ବ୍ୟାଗ, ବସ୍ତା ମିଳିଥିଲା। ଗିରଫ ୨ ଯୁବକ ଗାଈ ଚୋରି କରିବାକୁ ଯାଉଥିଲେ ବୋଲି ପୋଲିସ ସମ୍ମୁଖରେ ସ୍ୱୀକାର କରିଥିବା ତୁରୁମୁଙ୍ଗା ଥାନା ଏସ୍‌ଆଇ ରସାନନ୍ଦ ନାଏକ କହିଛନ୍ତି। ତୁରୁମୁଙ୍ଗା ଥାନାରେ ଏକ ମାମଲା(ନଂ. ୯୮/୨୪) ରୁଜୁ ହୋଇଛି।

### ସିଦ୍ଧମହାବୀର ମନ୍ଦିର ବାର୍ଷିକ ମହୋତ୍ସବ

ରୂପସା, ୨୧।୨(ବାଞ୍ଛାନିଧି ଦେ)- ବାଲେଶ୍ୱର ଜିଲା ବାହାବଳପୁର ସାମୁଦ୍ରିକ ଥାନା ଅଧୀନ ଦୁବଲାଗଡିସ୍ଥିତ ଶ୍ରୀ ସିଦ୍ଧମହାବୀର, ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ ଓ ମାତା ସୀତାଙ୍କ ମନ୍ଦିରର ଚତୁର୍ଥ ବାର୍ଷିକ ମହୋତ୍ସବ ପାଳିତ ହୋଇଯାଇଛି। ପ୍ରଥମଦିନ ପ୍ରଭୁଙ୍କ ଘଟଉତ୍ତୋଳନ ସହ ଯଥାବିଧି ପୂଜାର୍ଚ୍ଚନା ହୋଇଥିଲା। ଗାୟକ କାହ୍ନୁଚରଣ ଦାସଙ୍କ ଦ୍ୱାରା ହରିନାମ, ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଗ୍ରାମାଞ୍ଚଳର କୁନି ପ୍ରତିଭାଧାରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ପ୍ରଭୁଙ୍କଠାରେ ଅନ୍ନଭୋଗ ଅର୍ପଣ ପୂର୍ବକ ସାହସ୍ରାଧିକ ଶ୍ରଦ୍ଧାଳୁ ପ୍ରସାଦସେବନରେ ଆପ୍ୟାୟିତ ହୋଇଥିଲେ। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ମନ୍ଦିର ମୁଖ୍ୟସେବକ ପାର୍ଥକୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବକୁ ୱାର୍ଡମେମ୍ବର ନନୀଗୋପାଳ ସାହୁ, ସାମାଜିକ କର୍ମୀ ଗୋବିନ୍ଦ ପ୍ରସାଦ ଦାସ, ସରପଞ୍ଚ ପ୍ରବୀର କୁମାର ସାହୁ, ଝାଡ଼େଶ୍ୱର ସାହୁ, ଶିବଶଙ୍କର ସାହୁ, ମଦନଗୋପାଳ ସାହୁ, ଶଶାଙ୍କ ସାହୁ, ଦେବ କୁମାର ସାହୁ, ପଦ୍ମଲୋଚନ ସାହୁ, ସଞ୍ଜିବ ସାହୁ, ଗୁରୁପଦ ସାହୁ, ଶ୍ରୀବତ୍ସ ସାହୁ, ଗୋରାଚାନ୍ଦ ସାହୁ, ବାସୁଦେବ ସାହୁ, ବିବେକ ମଣ୍ଡଳଙ୍କ ସମେତ ସ୍ଥାନୀୟ ନେହେରୁ ଯୁଥ୍ କ୍ଳବ, ସାଗର କ୍ଳବର କର୍ମକର୍ତ୍ତା ଉତ୍ସବ ପରିଚାଳନା କରିଥିଲେ।

# ବାଲେଶ୍ୱରରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ

ବାଲେଶ୍ୱର, ୨୧।୨(ମାନସ ବିଶ୍ୱାଳ)


ରିଜର୍ଭ ପଡ଼ିଆରେ ରହିଥିବା ଲକ୍ଷ୍ମୀ ବସ୍।

ବାଲେଶ୍ୱର ସହରସ୍ଥିତ ରିଜର୍ଭ ପୋଲିସ ଲାଇନ ପଡ଼ିଆଠାରେ ବୁଧବାର ଆୟୋଜିତ ସ୍ୱତନ୍ତ୍ର ଲୋକାର୍ପଣ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଲକ୍ଷ୍ମୀ ବସ୍‌ସେବାର ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ଟୁକୁନି ସାହୁ ଲକ୍ଷ୍ମୀ ବସ୍ ସେବା ବିଷୟରେ ବକ୍ତବ୍ୟ ରଖିଥିଲେ। ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢୀ ସ୍ୱାଗତ ଭାଷଣ ଆଭାସୀ ମାଧ୍ୟମରେ ଦେଇଥିଲେ।

ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ, ସଂସ୍କୃତି ତଥା ଅବକାରୀ ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ସମୟ ଥିଲା ସମାଜରେ ମା'ମାନେ ଅବହେଳିତ ଅବସ୍ଥାରେ ଥିଲେ। ସବୁ କ୍ଷେତ୍ରରେ ମହିଳାମାନେ ସର୍ବାଗ୍ରେ ରହିଛନ୍ତି। ଗ୍ରାମାଞ୍ଚଳରେ ଭଲ ସଡ଼କ ନିର୍ମାଣ କରିଛନ୍ତି। ଲକ୍ଷ୍ମୀ ବସ୍ ପ୍ରଚଳନ ଦ୍ୱାରା ଗ୍ରାମାଞ୍ଚଳବାସୀଙ୍କର ଗମନାଗମନରେ ସୁବିଧା ହେବ। ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଯୋଗୁ ଆଜି ଗାଁର ଲୋକମାନେ ସହରର ସୁବିଧା ପାଇପାରୁଥିବା କହିଛନ୍ତି। ବାଲେଶ୍ୱର ବିଧାୟକ ସ୍ୱରୂପ ଦାସ ଯୋଗଦେଇ ଟାଇୟର ୧ ଅଧୀନରେ ପଞ୍ଚାୟତରୁ ବ୍ଲକକୁ ୪୬ ଗୋଟି ଓ ଟାଇୟର ୨ ଅଧୀନରେ ବ୍ଲକରୁ ଜିଲା ମୁଖ୍ୟାଳୟକୁ ୧୦ଟି ଲକ୍ଷ୍ମୀ ବସ୍ ଚାଲିବା ଦ୍ୱାରା ଜିଲାର ସମସ୍ତ ୩୫୬ ପଞ୍ଚାୟତବାସୀ ଉପକୃତ ହୋଇପାରିବେ ବୋଲି ପ୍ରକାଶ କରିଛନ୍ତି। ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ଓ ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପୋଲିସ ଲାଇନ ପଡ଼ିଆରୁ ଉଦ୍‌ଘାଟିତ ଲକ୍ଷ୍ମୀ ବସ୍‌ରେ ଅତିଥିମାନେ ଯାତ୍ରା କରି କୁରୁଡ଼ା ଜ୍ୟୋତି ହସ୍ପିଟାଲସ୍ଥିତ ଲକ୍ଷ୍ମୀ ବସ୍‌ଷ୍ଟପକୁ ଉଦ୍‌ଘାଟନ କରିଥିଲେ। ବୁଧବାର ଜିଲାରେ ପହଞ୍ଚିଥିବା ୨୦ ଲକ୍ଷ୍ମୀ ବସ୍‌କୁ ବିଭିନ୍ନ ବ୍ଲକ ଏବଂ ପଞ୍ଚାୟତକୁ ପହଞ୍ଚାଇବା ପାଇଁ ବିଭାଗୀୟ ଅଧିକାରୀମାନେ ସ୍ଥିର କରୁଥିବା ଜଣାପଡ଼ିଛି।

# ସରସ୍ୱତୀ ମେଢ଼ ଭସାଣି ବେଳେ ଗୋଷ୍ଠୀ ସଂଘର୍ଷ

ଚାନ୍ଦବାଲି,୨୧।୨ (କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଧାମରା ପଞ୍ଚାୟତରେ ସରସ୍ୱତୀ ମେଢ଼ ଭସାଣିକୁ ନେଇ ସୋମବାର ରାତିରେ ଗୋଷ୍ଠୀ ସଂଘର୍ଷ ଘଟିଥିଲା। ଆକ୍ରମଣରେ ଉଭୟ ପକ୍ଷରୁ ୧୦ ଜଣ ଆହତ ହୋଇଛନ୍ତି। ଏନେଇ ଉଭୟ ପକ୍ଷରୁ ଧାମରା ଥାନାରେ ଅଭିଯୋଗ କରାଯାଇଛି। ଗୁଆଁଳ ଗ୍ରାମର ଧନେଶ୍ୱର ମହାଳିକଙ୍କ ଅଭିଯୋଗ ଅନୁଯାୟୀ, ଗ୍ରାମର ଅନୁସୂଚିତ ଜାତି ସାହିର ଲୋକେ ସରସ୍ୱତୀ ମେଢ଼ ଭସାଣି କରିବାକୁ ନେଉଥିବା ବେଳେ ସାହୁସାହିର କେତେଜଣ ଯୁବକ ଅଟକାଇଥିଲେ। ଏଥିସହ ମେଢ଼ ନେଇ ଯାଉଥିବା ଯୁବକମାନଙ୍କୁ ଆକ୍ରମଣ କରିଥିଲେ। ପରେ ପୋଲିସ ଉପସ୍ଥିତିରେ ଭସାଣି କରାଯାଇଥିଲା। ଆକ୍ରମଣରେ ଗୁରୁତର ୩ ଯୁବକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଏପରିକି ଆକ୍ରମଣକାରୀମାନେ ଅନୁସୂଚିତ ଜାତି ସାହିରେ ପଶି ମହିଳାମାନଙ୍କୁ ଆକ୍ରମଣ କରିଛନ୍ତି। ଏଥିରେ ଦୁଇଜଣ ମହିଳା ଆହତ ହୋଇଛନ୍ତି। ଅପରପକ୍ଷରୁ ମଧ୍ୟ ଥାନାରେ ପାଲଟା ଅଭିଯୋଗ କରାଯାଇଛି। ଏକ ଖବରଦାତା ସମ୍ମିଳନୀରେ ଅନୁସୂଚିତ ଜାତି ସାହିର ବାସିନ୍ଦା ନ୍ୟାୟ ଦାବି କରିଛନ୍ତି। ସବୁ ସମୟରେ ଅଛୁଆଁ ଭେଦଭାବ ସହ ଜାତିକୁ ନେଇ ଟିପ୍ପଣୀ ଦିଆଯାଉଥିବା ସେମାନେ କହିଥିଲେ। ଧାମରା ଥାନାଧିକାରୀ ଶୋଭନ ସ୍ୱାଇଁ କହିଛନ୍ତି, ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ୨ ଗୋଷ୍ଠୀର ମୁରବୀମାନଙ୍କୁ ନେଇ ଏକ ଶାନ୍ତି କମିଟି ଗଠନ କରାଯିବ।

# 'ବିକାଶ ଲାଗି ସଭିଙ୍କ ସହଯୋଗ ଲୋଡ଼ା'


ଗୋବିନ୍ଦପୁରରେ ଅନୁଷ୍ଠିତ ଶିବିରରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ଏମ୍‌ବିକେ ଓ ସିଆର୍‌ପି।

ତିହିଡ଼ି,୨୧।୨(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକର ମଙ୍ଗଳପୁର, ଦୌଲତପୁର, ବାରସର ଓ ଗୋବିନ୍ଦପୁର ପଞ୍ଚାୟତରେ ବୁଧବାର ସରକାରୀ ଯୋଜନା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳପୁରରେ ଆୟୋଜିତ ଶିବିରରେ ମୁଖ୍ୟଅତିଥି ଭାବେ ବିଜେଡି ନେତା ଦୁର୍ଗାଦତ୍ତ ରାଉତରାୟ ଯୋଗଦେଇ ସମସ୍ତଙ୍କ ସହଯୋଗ ରହିଲେ ବିକାଶର ପଥ ସୁଗମ ହୋଇପାରିବ ବୋଲି କହିଥିଲେ। ବରେଣ୍ୟ ଅତିଥି ଭାବେ ବିଡିଓ ଜ୍ୟୋତିର୍ମୟ କର, ବ୍ଲକ ଉପାଧ୍ୟକ୍ଷା ସୁଭଦ୍ରା ଶତପଥୀ, ବିଜେଡି ବ୍ଲକ ସଭାପତି ରଘୁନାଥ ପଣ୍ଡା ଓ ସରପଞ୍ଚ ପୁଷ୍ପାଞ୍ଜଳି ଲେଙ୍କା ଯୋଗ ଦେଇଥିଲେ। ବାହାବଳପୁର ସରପଞ୍ଚ ଲକ୍ଷ୍ମୀପ୍ରିୟା ସାମଲ, ସମିତିସଭ୍ୟା ତିଳୋତ୍ତମା ବେହେରା, ବିଜେଡି ଜିଲା ସାଧାରଣ ସମ୍ପାଦକ କମଳାକାନ୍ତ ଲେଙ୍କା, ପୂର୍ବତନ ସରପଞ୍ଚ ବୈକୁଣ୍ଠ ପାଣି, ବିପିନ ବେହେରା, କୀର୍ତ୍ତନ ରାଉତ, ଛନ୍ଦାଚରଣ ନାୟକ, ଉମାକାନ୍ତ ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ଦୌଲତପୁର, ବାରସର ଓ ଗୋବିନ୍ଦପୁର ପଞ୍ଚାୟତରେ ମୁଖ୍ୟଅତିଥି ଭାବେ ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ ଏବଂ ବରେଣ୍ୟ ଅତିଥି ଭାବେ ଚାନ୍ଦବାଲି ବ୍ଲକର ପୂର୍ବତନ ଅଧ୍ୟକ୍ଷ ନରେଶ ମାଝୀ, ଜିଲା ପରିଷଦ ସଭ୍ୟ ଅମୂଲ୍ୟ କୁମାର ମାଝୀ ଓ ପ୍ରିନ୍ସ ରାକେଶ ନାୟକ, ସରପଞ୍ଚ ପ୍ରଭାତ କୁମାର ମିଶ୍ର, ପୂର୍ବତନ ସରପଞ୍ଚ ମାନସ ରଞ୍ଜନ ସାହୁ, ଯୁବନେତା ହିମାଦ୍ରୀ ମିଶ୍ର, ବିପିନ ରାଉତ, ତ୍ରୈଲୋଚନ ନାୟକ, ଦେବେନ୍ଦ୍ର ମହାକୁଡ଼ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ମଙ୍ଗଳପୁରରେ ବିଜେଡି ଜିଲା ଉପସଭାପତି ସୁରେନ୍ଦ୍ର ନାୟକ, ଦୌଲତପୁରରେ ଜିତେନ୍ଦ୍ର ଦାସ, ବାରସର ଓ ଗୋବିନ୍ଦପୁରରେ ପୂର୍ବତନ ସମିତିସଭ୍ୟ ମାନସ ରଞ୍ଜନ ନାୟକ ପୌରୋହିତ୍ୟ କରିଥିଲେ। ସମସ୍ତ ଶିବିରରେ ଏମ୍‌ବିକେ, ସିଆର୍‌ପି, ପ୍ରାଣୀମିତ୍ର ଓ କୃଷିମିତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଆଡ୍‌ମିଟ କାର୍ଡ ମିଳିନି, ଅନିଶ୍ଚିତତା ମଧ୍ୟରେ ୪ ପରୀକ୍ଷାର୍ଥୀ

## ପ୍ରତିବାଦରେ ଫାଟକରେ ତାଲା ପକାଇଲେ ଅଭିଭାବକ

ବାହାନଗା, ୨୧।୨(ଅରୂପ୍ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତ ଜାଗେଶ୍ୱରପଦାସ୍ଥିତ କେସିଏ ପବ୍ଲିକ ସ୍କୁଲରେ ୪ଜଣ ଛାତ୍ରୀଛାତ୍ରଙ୍କୁ ଆଡମିଟ୍ କାର୍ଡ ମିଳି ନ ଥିବାରୁ ଯୁକ୍ତ ୨ ପରୀକ୍ଷା ଦେବା ନେଇ ଅନିଶ୍ଚିତତା ମଧ୍ୟରେ ରହିଛନ୍ତି । ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହିତ ଖେଳ ଖେଳାଯାଉଥିବା ଅଭିଯୋଗ କରି ଅଭିଭାବକମାନେ ସ୍କୁଲ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ପରୀକ୍ଷା ଦେବାରୁ ବଞ୍ଚିତ ଆଶଙ୍କାରେ ଜଣେ ଛାତ୍ର ମ୍ରିୟମାଣ ହୋଇ ହସ୍‌ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏହି ସ୍କୁଲରେ ପ୍ରଥମରୁ ଯୁକ୍ତ ୨ ପର୍ଯ୍ୟନ୍ତ ପାଠ ପଢାଯାଇଥାଏ । ଗୁରୁବାରଠାରୁ ସିବିଏସ୍‌ଇ ଯୁକ୍ତ ୨ ପରୀକ୍ଷା ଆରମ୍ଭ ହେଉଛି । ଏହି ବିଦ୍ୟାଳୟରେ ୮୬ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବାର ଥିଲା । ମାତ୍ର ୮୨ ଜଣ ଛାତ୍ରୀଛାତ୍ରଙ୍କର ଆଡମିଟ୍ କାର୍ଡ ଆସିଥିବା ବେଳେ ଅନ୍ୟ ୪ଜଣଙ୍କର ପରୀକ୍ଷା ଦେବା ନିମନ୍ତେ କୌଣସି ଆଡମିଟ୍ କାର୍ଡ ଆସିନାହିଁ । ଅନ୍ୟ ଜଣେ ଛାତ୍ରଙ୍କ ଆଡମିଟ୍ କାର୍ଡ ଆସିଥିଲେ ମଧ୍ୟ ସ୍କୁଲରେ ଟଙ୍କା ବାକିଥିବାରୁ ତାଙ୍କୁ ଆଡମିଟ୍ କାର୍ଡ ମିଳିନାହିଁ । ତେବେ ଅନ୍ୟ ୪ ଜଣ ଛାତ୍ରୀଛାତ୍ରଙ୍କର ଫର୍ମ ପୂରଣ କରିଥିଲେ ମଧ୍ୟ ସେମାନଙ୍କର ଆଡମିଟ୍ କାର୍ଡ ନ ଆସିବାରୁ ବୁଧବାର ଅଭିଭାବକମାନେ ବିଦ୍ୟାଳୟ ଫାଟକରେ ତାଲା ପକାଇ ପାଠ ପଢୁଥିବା ସମସ୍ତ ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କୁ ଅଟକ ରଖିଥିଲେ। ଗୋପାଳପୁର ଥାନା ପୋଲିସ୍ ପହଞ୍ଚି ଛାତ୍ରୀଛାତ୍ରମାନଙ୍କୁ ବିଦ୍ୟାଳୟରୁ ବାହାର କରିଥିଲେ ମଧ୍ୟ ଅଭିଭାବକମାନେ ସଂପୃକ୍ତ ଶିକ୍ଷକମାନଙ୍କୁ ଛାଡି ନ ଥିଲେ। ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଶିକ୍ଷକମାନଙ୍କୁ ଛାଡିବେ ନାହିଁ ବୋଲି ଅଭିଭାବକମାନେ ଅଡି ବସିଥିଲେ। ଆଡମିଟ୍ କାର୍ଡ ପାଇ ନ ଥିବା ଯୁକ୍ତ ୨ ବିଜ୍ଞାନ ଛାତ୍ରୀଛାତ୍ର ହେଲେ ସାଇସିମ୍ରନ୍ ପାତ୍ର, ଅନୁରାଗ ଶତପଥି, ଅନୁରାଗ ପାତ୍ର, ଭୂମିକା ପଟ୍ଟନାୟକ। ନିଗମଜ୍ୟୋତି ଦାସଙ୍କ ଆଡମିଟ୍ କାର୍ଡ ଆସିଥିଲେ ମଧ୍ୟ ବିଦ୍ୟାଳୟର ବକେୟା ଟଙ୍କା ଥିବାରୁ ତାଙ୍କୁ କର୍ତ୍ତୃପକ୍ଷ ଦେଇ ନ ଥିବା ଜଣାପଡିଛି । ଏ ବିଷୟରେ ବିଦ୍ୟାଳୟ ଚେୟାରମ୍ୟାନ ଅଶୋକ ଖଣ୍ଡେଲୱାଲଙ୍କ ସହିତ ଯୋଗାଯୋଗ କରାଯିବାରୁ ସେ ଦିଲ୍ଲୀରେ ଅଛନ୍ତି, କଣ ପାଇଁ ଆଡମିଟ୍ କାର୍ଡ ମିଳିନାହିଁ ସେନେଇ ସିବିଏସ୍‌ଇ ବୋର୍ଡରେ ଦେଖୁଛନ୍ତି। ରାତିସୁଦ୍ଧା ମିଳିଯିବ ବୋଲି ସେ ପ୍ରକାଶ କରିଥିଲେ। ବିଦ୍ୟାଳୟ ରାସ୍ତା ଦେଇ ସୋର ବିଧାୟକ ପର୍ଶୁରାମ ଧଡା ଯାଉଥିବା ବେଳେ ଅଭିଭାବକମାନେ ତାଙ୍କ ଗାଡିକୁ ଅଟକାଇବା ସହିତ ସମସ୍ୟା ବିଷୟରେ ଜଣାଇଥିଲେ । ବିଧାୟକ ଧଡା ସଂପୃକ୍ତ ବିଦ୍ୟାଳୟ ଚେୟାରମ୍ୟାନ ଅଶୋକ ଖଣ୍ଡେଲୱାଲଙ୍କ ସହିତ ଯୋଗାଯୋଗ କରିବା ସହିତ ତୁରନ୍ତ ପିଲାମାନଙ୍କ ସମସ୍ୟା ସମାଧାନ କରିବା ପାଇଁ ପରାମର୍ଶ ଦେଇଥିଲେ। ଖବରପାଇ ବାହାନଗା ତହସିଲଦାର ସସ୍ମିତା ମୁର୍ମୁ, ଗୋପାଳପୁର ଥାନା ପୋଲିସ୍ ପହଞ୍ଚି ବୁଝାଶୁଝା କରିବା ସହିତ ବିଦ୍ୟାଳୟ ଶିକ୍ଷକ କର୍ମକର୍ତ୍ତାମାନଙ୍କ ସହିତ ଖବର ଲେଖା ହେବା ପର୍ଯ୍ୟନ୍ତ ଆଲୋଚନା ଜାରିରହିଛି।

# ଆଜି ବାରିପଦା ଆସିବେ ପ୍ରତିରକ୍ଷା ମନ୍ତ୍ରୀ

ବାରିପଦା,୨୧।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)- କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଗୁରୁବାର ମୟୂରଭଞ୍ଜ ଜିଲା ବାରିପଦା ଆସିବେ। ଅପରାହ୍ନ ୪ଟାରେ ପହଞ୍ଚି ବାରିପଦା ଛଉ ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ବିଜୟ ସଙ୍କଳ୍ପ ସମାବେଶରେ ଯୋଗଦେବା ସହ ଉତ୍ତର ଓଡ଼ିଶାର ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲାର ଭାଜପା କର୍ମକର୍ତ୍ତାଙ୍କୁ ଆସନ୍ତା ସାଧାରଣ ନିର୍ବାଚନ ଲାଗି ଗୁରୁମନ୍ତ୍ର ଦେବେ। ଏନେଇ ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ପ୍ରତିରକ୍ଷା ମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ମିଡିଆ ମୁଖପାତ୍ର କବି ବିଷ୍ଣୁ ଶତପଥି, ସଞ୍ଜୀବ କୁମାର ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଜିଲା ସଭାପତି(ପୂର୍ବ) କାନ୍ଦରା ସୋରେନ, ନବୀନ କୁମାର ରାମ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରତିରକ୍ଷା ମନ୍ତ୍ରୀଙ୍କ ଗସ୍ତକୁ ନେଇ ଜିଲା ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଗ୍ରହଣ କରାଯାଇଛି ।

# ଜିଲାପାଳଙ୍କୁ ସର୍ତ୍ତମୂଳକ ସମନ

## ଖଣି ପ୍ରଭାବିତଙ୍କୁ ସୁବିଧା ସୁଯୋଗ ନ ମିଳିବା ମାମଲା

କେନ୍ଦୁଝର,୨୧।୨(ନରେଶ ଚନ୍ଦ୍ର ପଟ୍ଟନାୟକ)

ଜାତୀୟ ମାନବାଧିକାର କମିଶନ ଖଣି ପ୍ରଭାବିତଙ୍କୁ ସୁବିଧା ନ ମିଳିବା ମାମଲାର ଶୁଣାଣି କରି କେନ୍ଦୁଝର ଜିଲାପାଳଙ୍କୁ ସର୍ତ୍ତମୂଳକ ସମନ ଜାରି କରିଛନ୍ତି। ୨୮ ମାର୍ଚ୍ଚ ୨୦୨୪ରେ କମିଶନଙ୍କ ନିକଟରେ ବ୍ୟକ୍ତିଗତ ହାଜର ହେବାକୁ ଆଦେଶ କରିଛନ୍ତି। ଯଦି ଆବଶ୍ୟକ ରିପୋର୍ଟ ୨୧ ମାର୍ଚ୍ଚ ସୁଦ୍ଧା ଦାଖଲ କରନ୍ତି ତେବେ ବ୍ୟକ୍ତିଗତ ହାଜର ଆଦେଶରୁ ବାଦ ହେବେ ବୋଲି କମିଶନ ଜଣାଇଛନ୍ତି। ଏହାର କପି ଚିଫ୍ ସେକ୍ରେଟେରୀ, ଓଡିଶା ସରକାରଙ୍କୁ ପ୍ରଦାନ କରାଯାଇଛି।

ସୂଚନା ଅନୁଯାୟୀ, କେନ୍ଦୁଝର ଜିଲାର ଖଣି ଖାଦାନ ଅଞ୍ଚଳର ଲୋକଙ୍କୁ ସୁବିଧା ସୁଯୋଗ ମିଳୁ ନ ଥିବା ଦର୍ଶାଇ ସୁପ୍ରିମକୋର୍ଟ ଆଇନଜୀବୀ ତଥା ମାନବାଧିକାର କର୍ମୀ ରାଧାକାନ୍ତ ତ୍ରିପାଠୀ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି କମିଶନ ଏକ ମାମଲା(ନଂ ୨/୧୮ ଜୁଲାଇ ୨୦୨୩)ଗ୍ରହଣ କରିଥିଲେ। ମାମଲାରେ ରିପୋର୍ଟ ଦାଖଲ ଜିଲାପାଳଙ୍କ ପକ୍ଷରୁ କରା ନ ଯିବାରୁ ୨୬ ଡିସେମ୍ବର ୨୦୨୩ ରେ କମିଶନ ପୁଣି ଜିଲାପାଳ, ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ (ଚିଫ୍ ସେକ୍ରେଟେରୀ)ଙ୍କୁ ଚିଠି କରି ସର୍ବଶେଷ ରିପୋର୍ଟ ପ୍ରଦାନ କରିବାକୁ କହିଥିଲେ। ଏ ନେଇ କୌଣସି ରିପୋର୍ଟ ନ ମିଳିବାରୁ ଆବେଦନକାରୀ ୧୯ ଫେବୃଆରୀ ୨୦୨୪ରେ କମିଶନଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ଏହାର ଶୁଣାଣି କରି କମିଶନ ଏଭଳି ନୋଟିସ୍ କରିଥିବା ଜଣାପଡ଼ିଛି। ଖଣି ଅଞ୍ଚଳରେ ପ୍ରଭାବିତ୍ ଲୋକଙ୍କୁ ମୌଳିକ ସୁବିଧା ଯଥା ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ଆଦି ଯୋଗାଇଦେବା ସରକାରଙ୍କ ଦାୟିତ୍ୱ। କିନ୍ତୁ ଖଣି କ୍ଷତିଗ୍ରସ୍ତ ଅଞ୍ଚଳର ଲୋକେ ସେସବୁ ସୁବିଧାରୁ ବଞ୍ଚିତ ହେଉଥିବାରୁ ସେମାନଙ୍କ ଅଧିକାର ଉଲଘଂନ ହେଉଥିବା ଅଭିଯୋଗ ହେଉଛି।

# ଗଞ୍ଜେଇ, ଅଫିମ ଜବତ, ୨ ଗିରଫ

ଭଦ୍ରକ,୨୧।୨(ସନାତନ ରାଉତ)

ଭଦ୍ରକ ଜିଲା ଅବକାରୀ ବିଭାଗ ପକ୍ଷରୁ ବୁଧବାର ସହରାଞ୍ଚଳ ଥାନା ଅଧୀନ ନରିପୁର କଚେରି ବଜାର ନିକଟରେ ଚଢ଼ାଉ କରାଯାଇ ୧୦.୬ କିଲୋ ଗଞ୍ଜେଇ ଓ ୧.୭ କିଲୋ ଅଫିମ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ନରିପୁର ଗ୍ରାମର ପଞ୍ଚାନନ ସାହୁ ଓ ହିମାଂଶୁ ଭୂଷଣ ସାହୁଙ୍କୁ ଗିରଫ କରାଯାଇଛି। ଜବତ ଗଞ୍ଜେଇ ଓ ଅଫିମର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଭଦ୍ରକ ଅବକାରୀ ଥାନା ପକ୍ଷରୁ ମାମଲା (ନଂ.୨୪୩/୨୩-୨୪) ଏବଂ ଭ୍ରାମ୍ୟମାଣ ସ୍କ୍ୱାଡ୍ ପକ୍ଷରୁ ମାମଲା (ନଂ. ୪୪୮/୨୩-୨୪) ରୁଜୁ ହୋଇଛି। ଭ୍ରାମ୍ୟମାଣ ସ୍କ୍ୱାଡ୍ ନିରୀକ୍ଷକ ସୁଶ୍ରୀ ସଙ୍ଗୀତା ମହାନ୍ତି ଓ ଅବକାରୀ ନିରୀକ୍ଷକ ପ୍ରଶାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଗଠିତ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରିଥିଲା।

# ଅଗ୍ନିଶମ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ବେତନଟୀ,୨୧।୨(ଧରଣୀଧର ମହାନ୍ତି)

ବେତନଟୀସ୍ଥିତ ଅଗ୍ନିଶମ ସେବା ସଂସ୍ଥା ପକ୍ଷରୁ ବିଭିନ୍ନ କର୍ମଚାରୀମାନେ ୨ଦଫା ଦାବି ନେଇ ବୁଧବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି।

ସୂଚନା ଅନୁଯାୟୀ, ୨୦୧୦ ପର୍ଯ୍ୟନ୍ତ ପୋଲିସ ସେବା ଓ ଅଗ୍ନିଶମ ସେବା ଦୁଇଟି ଯାକ ସଂସ୍ଥାର ସମାନ ଦରମା ରହିଥିବା ବେଳେ ପର ମୁହୂର୍ତ୍ତରେ ଏହାକୁ ଉପରିସ୍ଥ ଅଧିକାରୀଙ୍କ ଦ୍ୱାରା ଅଲଗା କରି ଦିଆଯାଇଥିଲା। ଏହା ପରଠାରୁ ଆଗ୍ନିକ, ମୁଖ୍ୟ ଆଗ୍ନିକ, ଆଗ୍ନିକ ଗାଡ଼ିଚାଳକ, ଡ୍ରାଇଭର ହାବିଲଦାରଙ୍କ ଭଳି ଅନେକ ଅଗ୍ନିଶମ କର୍ମଚାରୀଙ୍କ ଦରମା ଲେବଲ ଓ ଭତ୍ତା ପୋଲିସ ସେବାର ସମକକ୍ଷ ହୋଇପାରିନାହିଁ। ସେହିପରି ଅଗ୍ନିଶମ ସେବା ସଂସ୍ଥାର ସମସ୍ତ କର୍ମଚାରୀମାନଙ୍କୁ ନେଇ ଗଠନ କରାଯାଇଥିବା ସଂଘକୁ ଅନେକ ଦିନରୁ ସରକାରୀ ମାନ୍ୟତାର ଦାବି ହୋଇଆସୁଥିଲେ ସୁଦ୍ଧା ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଏଣୁ ଏହି ସବୁ ଦାବି ଗୁଡ଼ିକ ପୂରଣ ନ ହେବା ଯାଏ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀଙ୍କ ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପାଇଁ ଜାରି ରହିବ ବୋଲି ଚେତାବନୀ ଦିଆଯାଇଛି। ଆନ୍ଦୋଳନରେ ବେତନଟୀ ଅଗ୍ନିଶମ ସେବା ସଂସ୍ଥା ପକ୍ଷରୁ ଆଗ୍ନିକ, ମୁଖ୍ୟ ଆଗ୍ନିକ, ଆଗ୍ନିକ ଗାଡ଼ିଚାଳକ, ଡ୍ରାଇଭର ହାବିଲଦାରଙ୍କ ସମେତ ଅନେକ ଅଗ୍ନିଶମ କର୍ମଚାରୀ ସାମିଲ ହୋଇଛନ୍ତି।

# ବିଦ୍ୟାଳୟର ବାର୍ଷିକୋତ୍ସବ

ମୋରଡ଼ା,୨୧।୨(ସ୍ମାରକ ମାଜୀ)

ମୋରଡ଼ା ବ୍ଲକ ଅଧୀନ ହଳଦୀପାଳସ୍ଥିତ ବିଦ୍ୟାଜ୍ୟୋତି ପବ୍ଲିକ ସ୍କୁଲର ୨୩ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୟ କୁମାର ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, ମୁଖ୍ୟ ବକ୍ତା ସିଂପୁର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ହରିଶ୍ଚନ୍ଦ୍ର ପଣ୍ଡା,ସମ୍ମାନିତ ଅତିଥିଭାବେ ମୋରଡ଼ା ବ୍ଲକ ଉପାଧ୍ୟକ୍ଷା ଜେମାମଣି ମହାନ୍ତ, ସମିତି ସଭ୍ୟ ତନୟ କୁମାର ଦାସ, ଅମୂଲ୍ୟ ଦାସ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶିକ୍ଷାର ମୂଲ୍ୟବୋଧ ଏବଂ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ବିଷୟରେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଆୟୋଜିତ ହୋଇଥିବା ୨୨ଟି ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପଞ୍ଚମ ଶ୍ରେଣୀ ଅଲିମ୍ପିଆଡ୍ ଛାତ୍ରୀ ଆଦ୍ୟାଶା ମହାନ୍ତଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଆମନ୍ତ୍ରଣ କରିଥିଲେ ତାପସୀ ଲେଙ୍କା, ଅତିଥି ପରିଚୟ ପ୍ରଦାନ କରିଥିଲେ ପ୍ରିୟଙ୍କା ରାୟବାବୁ, ସଂଗୀତ ପାଣିଗ୍ରାହୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଶୁଭଶ୍ରୀ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।



ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

# ଜିଲା ସମସ୍ୟା ନେଇ ମହାମେଳି

କେନ୍ଦୁଝର,୨୧।୨(ନରେଶ ଚନ୍ଦ୍ର ପଟ୍ଟନାୟକ)



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଓ ଆନ୍ଦୋଳନକାରୀ।

## ସ୍ୱାସ୍ଥ୍ୟ, ଗମନାଗମନ ଓ ନିଯୁକ୍ତି ସମସ୍ୟା ସମାଧାନ ଦାବି

କେନ୍ଦୁଝର ଜିଲାର ବିଭିନ୍ନ ସମସ୍ୟାକୁ ନେଇ ମା' ତାରିଣୀ ଜନସେବା ଟ୍ରଷ୍ଟ ଆନୁକୂଲ୍ୟରେ ଯୁବ ଓ ଶ୍ରମ ବିକାଶ ମଞ୍ଚ, ଶ୍ରୀରାମ ସେନା ସମେତ ବିଭିନ୍ନ ସଂଗଠନର ଆହ୍ୱାନ କ୍ରମେ ମହାମେଳି ଓ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବହୁ ସଂଖ୍ୟାରେ ବିଭିନ୍ନ ଅଞ୍ଚଳର ଲୋକ ସାମିଲ ହୋଇ ରାଲିରେ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ୧୪ ଦଫା ଦାବିପତ୍ର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। କପି ପ୍ରଧାନମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ୫-ଟି ଅଧ୍ୟକ୍ଷ, ଖଣି ଓ ଶିଳ୍ପ ସଚିବଙ୍କୁ ପ୍ରଦାନ କରାଯାଇଛି।

ଦାବି ମଧ୍ୟରେ ଧରଣୀଧର ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯାଇ ରୋଗୀସେବା ଆରମ୍ଭ କରିବା, ମେଡିକାଲ କଲେଜରୁ କେମ୍ପସଡ଼ା ଓ ସେଣ୍ଡକାପ ଦେଇ ରାଇକଳା ଡିପାସାହି ପର୍ଯ୍ୟନ୍ତ ଓସାରିଆ ରାସ୍ତା ନିର୍ମାଣ, ମେଡିକାଲ କଲେଜରୁ ରେଳ ଷ୍ଟେଶନ ପର୍ଯ୍ୟନ୍ତ ୨କି.ମି. ରାସ୍ତା ନିର୍ମାଣ, ମେଡିକାଲ କଲେଜରେ ଯୋଗ୍ୟତା ଭିତ୍ତିରେ ଜିଲା ଭିତରୁ ନିଯୁକ୍ତି, ଜିଲାର ଖଣି ଖାଦାନ ଓ ଶିଳ୍ପ କଳକାରଖାନାରେ ସ୍ଥାନୀୟ ଯୁବ ଗୋଷ୍ଠୀଙ୍କୁ ନିଯୁକ୍ତି, ୧୬, ୧୮, ୨୨ ଚକିଆ ଆଦି ଟ୍ରକ୍, ଟ୍ରେଲର ସମେତ ରେଳ ଓ ପାଇପ ଲାଇନ୍‌ରେ ଲୁହାପଥର ପରିବହନ ବନ୍ଦ, ବ୍ୟାପକ ନିଯୁକ୍ତି ସୃଷ୍ଟି ଓ କଞ୍ଚା ମାଲର ସୁବିନିଯୋଗ ପାଇଁ ସେଲ, ଓଏମ୍‌ସି କିମ୍ବା ଟାଟା ଭଳି ବଡ଼ କମ୍ପାନୀ ଦ୍ୱାରା ଏକ ମେଗା ଷ୍ଟିଲ ପ୍ଲାଣ୍ଟ ନିର୍ମାଣ, ଖଣିଜ ପାଣ୍ଠି କାର୍ଯ୍ୟାଳୟ ସମେତ ଜିଲାର ବିଭିନ୍ନ କାର୍ଯ୍ୟାଳୟରେ ଡିଏମ୍‌ଏଫ୍ ଅଧୀନରେ ନିଯୁକ୍ତି ପାଇଥିବା କର୍ମଚାରୀ ଜିଲାର ମେଧାବୀ ପିଲାଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ପ୍ରଦାନ, ପ୍ରତ୍ୟେକ ପଞ୍ଚାୟତରେ ଖଣିଜ ପ୍ରତିଷ୍ଠାନ ତରଫରୁ ମାଗଣାରେ କମ୍ପ୍ୟୁଟର ଶିକ୍ଷା, ଜିଲାରେ ଥିବା ଖଣିଜ ପ୍ରତିଷ୍ଠାନ ଏବଂ ଓଡିସି ଫଣ୍ଡରୁ ଋଣ ଆକାରରେ ଦିଆଯାଇଥିବା ଅର୍ଥକୁ ତୁରନ୍ତ ଫେରସ୍ତ ଓ ପରବର୍ତ୍ତୀ ସମୟରେ କାହାରିକୁ ସେଥିରୁ ଋଣ ଦିଆ ନ ଯାଉ, ଯାନ୍ତ୍ରିକ ବିଶ୍ୱ ବିଦ୍ୟାଳୟ କରିବା ସହ ଏକ କୃଷି ବିଶ୍ୱ ବିଦ୍ୟାଳୟ ସ୍ଥାପନା, ଏକ ସ୍ୱୟଂ ଶାସିତ ଜିଲା ଭାବେ ଘୋଷଣା, ବାୟୁ ପ୍ରଦୂଷଣ ରୋକିବା ପାଇଁ କେନ୍ଦୁଝର ସହର ଓ ଜିଲାର ବିଭିନ୍ନ ସ୍ଥାନରେ ଚାରାରୋପଣ, କେନ୍ଦୁଝରଗଡ଼ଠାରୁ ଦିଲ୍ଲୀ, କଲିକତା, ଅଯୋଧ୍ୟାକୁ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ଆଦି ଦାବି ହୋଇଥିଲା। ବିକ୍ଷୋଭରେ ମା' ତାରିଣୀ ଜନସେବା ଟ୍ରଷ୍ଟର ଅଧ୍ୟକ୍ଷା ତୁଳସୀ ପାତ୍ର, ସମ୍ପାଦକ ତ୍ରିନାଥ ସେଠୀ, କୋଷାଧ୍ୟକ୍ଷ ରାକେଶ ସାହୁ, ଯୁବ ଓ ଶ୍ରମ ବିକାଶ ମଞ୍ଚର ଉପ ସଭାପତି ଜୟକୃଷ୍ଣ ନାଏକଙ୍କ ସମେତ ଅନ୍ୟମାନେ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

